## ଅସହ୍ୟ ତାତିରେ ଅଘୋଷିତ ବିଦ୍ୟୁତ୍ କାଟ୍

# ତାତିଲେ ଅଞ୍ଚଳବାସୀ; ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ

ରାୟଗଡ଼-ଗଜପତି, ୧୪।୬(ସମିସ)



ଗୋଟିଏ ପଟେ ଅସହ୍ୟ ଗ୍ରୀଷ୍ମ ପ୍ରବାହ ଓ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ବେଳେ ଅନ୍ୟପଟେ ବାରମ୍ବାର ଅଘୋଷିତ ବିଦ୍ୟୁତ କାଟ ସ୍ଥାନୀୟ ବାସିନ୍ଦାଙ୍କୁ ଅସ୍ତବ୍ୟସ୍ତ କରି ପକାଇଛି। ବିଭାଗୀୟ କର୍ତ୍ତୃପକ୍ଷଙ୍କ ଚରମ ଅବହେଳା ତଥା ଦାୟିତ୍ୱହୀନତା ପ୍ରତିବାଦରେ ଶେଷରେ ଲୋକଙ୍କ ଧୈର୍ଯ୍ୟଚ୍ୟୁତି ଘଟିଛି। ଉତ୍ତ୍ୟକ୍ତ ଲୋକେ ସ୍ଥାନୀୟ ବିଦ୍ୟୁତ ବିଭାଗ କାର୍ଯ୍ୟାଳୟ ଘେରାଉ କରିବା ସହ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି।

କିଛି ଦିନ ହେବ ରାୟଗଡ଼ ଅଞ୍ଚଳରେ ତାପମାତ୍ରା ବୃଦ୍ଧି ପାଇବା ସହ ଗୁଳୁଗୁଳି ଅସହ୍ୟ ହେବାରେ ଲାଗିଛି। ଏଭଳି ସ୍ଥିତିରେ ଟିପିଏସଓଡିଏଲ୍ (ବିଦ୍ୟୁତ ବିଭାଗ) ପକ୍ଷରୁ କୌଣସି ପୂର୍ବ ସୂଚନା ନଦେଇ ଘଣ୍ଟା ଘଣ୍ଟା ଧରି ବିଦ୍ୟୁତ ସରବରାହ ବନ୍ଦ କରିଦିଆଯାଉଛି। ଦିନରେ ଯେମିତି ଅବସ୍ଥା ରାତିରେ ମଧ୍ୟ ବାରମ୍ବାର ସେମିତି ପାୱାର କଟ୍ ଏବଂ ଲୋ-ଭୋଲଟେଜ୍ ସମସ୍ୟା ଲାଗି ରହୁଛି। ଏହାଯୋଗୁଁ ବୃଦ୍ଧ, ରୋଗୀ ଏବଂ କୋମଳମତି ଶିଶୁମାନେ ଚରମ ଦୁର୍ଦ୍ଦଶା ଭୋଗୁଛନ୍ତି। ରାତି ସାରା ଲୋକେ ଅନିଦ୍ରା ରହୁଥିବା ବେଳେ ଦିନରେ ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ସରକାରୀ କାର୍ଯ୍ୟାଳୟଗୁଡ଼ିକରେ କାମଧନ୍ଦା ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେଉଛି। କେବଳ ସେତିକି ନୁହେଁ, ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ବ୍ୟାହତ ହେବା ସହ ମୋବାଇଲ୍ ନେଟୱର୍କ ସମସ୍ୟା ମଧ୍ୟ ଦେଖାଦେଉଛି ଯାହା ଲୋକଙ୍କ ହନ୍ତସନ୍ତ ସ୍ଥିତିକୁ ଦ୍ୱିଗୁଣିତ କରୁଛି। ଏହି ସମସ୍ୟା ନେଇ ସ୍ଥାନୀୟ ଲୋକେ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିପାରିନାହିଁ। ଏପରିକି ଅଭିଯୋଗ ପାଇଁ ଥିବା ହେଲ୍ପଲାଇନ ନମ୍ବର ମଧ୍ୟ ଅଧିକାଂଶ ସମୟରେ ବ୍ୟସ୍ତ କିମ୍ବା ବନ୍ଦ ରହୁଥିବା ଖାଉଟିମାନେ ଅଭିଯୋଗ କରିଛନ୍ତି। ବିଭାଗର ଏଭଳି ଏକଚାଟିଆ ମନୋଭାବ ବିରୋଧରେ ଆଜି ଶତାଧିକ ଅଞ୍ଚଳବାସୀ ଏକତ୍ରିତ ହୋଇ ବିଦ୍ୟୁତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଉତ୍ତ୍ୟକ୍ତ ଲୋକେ ବିଭାଗ ବିରୋଧରେ ନାରାବାଜି କରିବା ସହ ତୁରନ୍ତ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ଦାବି କରିଛନ୍ତି। ଯଦି ଆଗାମୀ ଦିନରେ ବିଦ୍ୟୁତ ଯୋଗାଣ ବ୍ୟବସ୍ଥାରେ ସୁଧାର ନଆସେ ତେବେ ରାଜପଥ ଅବରୋଧ କରାଯିବା ସହ ଆନ୍ଦୋଳନକୁ ଆହୁରି ବ୍ୟାପକ କରାଯିବ ବୋଲି ସ୍ଥାନୀୟ ଅଞ୍ଚଳବାସୀ ଦୃଢ଼ ଚେତାବନୀ ଦେଇଛନ୍ତି।

## ପାଟପୁର ଥାନାଞ୍ଚଳରେ ବୁଲିଲା ଖଣ୍ଡା; ତଦନ୍ତ ଆରମ୍ଭ

# କାର୍‌ରେ ଆସି ଜଣଙ୍କୁ ହାଣି ଚାଲିଗଲେ ଯୁବକ

**ସାନଖେମୁଣ୍ଡି, ୧୪।୬(ସମିସ):** ଗଞ୍ଜାମ ଜିଲ୍ଲା ସାନଖେମୁଣ୍ଡି ବ୍ଲକ ପାଟପୁର ଥାନା କଙ୍କୋରଡା ମେଡିକାଲ ଛକରେ ଖଣ୍ଡା ବୁଲିଛି। କାର୍‌ରେ ଆସି ମଦ ଦୋକାନ ଭିତରେ ପଶି ଜଣଙ୍କୁ ଖଣ୍ଡାରେ ହାଣି ଚାଲିଗଲେ। ଫଳରେ ଯୁବକ ଜଣଙ୍କ ଗୁରୁତର ହୋଇଥିବା ସୂଚନା ମିଳିଛି। ଆହତ ଯୁବକ ଜଣଙ୍କ ହେଲେ ପାଟପୁର ଥାନା କଙ୍କୋରଡା ଗ୍ରାମର ଅଶୋକ ବିଶୋୟୀ। ସୂଚନା ମୁତାବକ, ରବିବାର ସନ୍ଧ୍ୟାରେ କଙ୍କୋରଡା ମେଡିକାଲ ଛକ ନିକଟରେ ଥିବା ଏକ ବେଆଇନ ମଦ ଦୋକାନରେ କିଛି ଯୁବକ ଥିଲେ। ସେହି ସମୟରେ ଗୋଟାଏ କାରରେ ୫ରୁ ଅଧିକ ଯୁବକ ମିଶି ଖଣ୍ଡା କାତି ଧରି ମଦ ଦୋକାନ ଭିତରେ ପଶି ଅଶୋକଙ୍କୁ ଖଣ୍ଡାରେ ଆକ୍ରମଣ କରିଥିଲେ। ସେହି ଦୋକାନରେ ବସିଥିବା ଅନ୍ୟ ଯୁବକମାନେ ଛତ୍ରଭଙ୍ଗ ଦେଇଥିଲେ। ଦୁର୍ବୃତ୍ତମାନେ ଅଶୋକଙ୍କ ହାତ ଓ ଗୋଡ଼କୁ ହାଣି କାରରେ ଚାଲିଯାଇଥିଲେ। ସ୍ଥାନୀୟ ଲୋକେ ଆହତ ଅଶୋକଙ୍କୁ ଗୁରୁତର ଭାବେ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ନେଇଥିବା ଜଣାପଡିଛି। ଖବର ପାଇ ପାଟପୁର ଥାନାଧିକାରୀ ଦୀପ୍ତିରଞ୍ଜନ ବେହେରା ଓ ପୁଲିସ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଶନିବାର ରାତ୍ର ଅଶୋକ ବ୍ରହ୍ମପୁରରୁ ଗାଁକୁ ମୋଟର ସାଇକଲରେ ଆସୁଥିବା ବେଳେ କିଛି ଦୁର୍ବୃତ୍ତ ପିଛା କରିବା ସହ ହାଣିବା ପାଇଁ ଉଦ୍ୟମ କରିଥିଲେ। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ଏଭଳି ଘଟଣା ଘଟିଥିବା ସାଧାରଣରେ ଆଲୋଚନା ହେଉଛି।



# ଜଗନ୍ନାଥପ୍ରସାଦ ପୁଲିସର ରାତ୍ରକାଳୀନ ଧରପଗଡ଼



**ଜଗନ୍ନାଥପ୍ରସାଦ, ୧୪।୬(ସମିସ୍):** ଜଗନ୍ନାଥ ପ୍ରସାଦ ଥାନାଞ୍ଚଳରେ ଶାନ୍ତିଶୃଙ୍ଖଳା ବଜାୟ ରଖିବା ଏବଂ ଅପରାଧ ନିୟନ୍ତ୍ରଣ ଲକ୍ଷ୍ୟରେ ପୁଲିସ ପକ୍ଷରୁ ରାତ୍ରିକାଳୀନ ବ୍ଲକିଂ ଓ ଚେକିଙ୍ଗକୁ କଡ଼ାକଡ଼ି କରାଯାଇଛି। ଥାନାଧିକାରୀ ପ୍ରମୋଦ କୁମାର ଲେଙ୍କାଙ୍କ ତତ୍ତ୍ୱାବଧାନରେ ପୁଲିସ ବାହିନୀ ବିଭିନ୍ନ ରୁଟ୍ ଏବଂ ଜଗନ୍ନାଥ ପ୍ରସାଦ ମୁଖ୍ୟ ଛକଗୁଡ଼ିକରେ ନାକାବନ୍ଦୀ କରି ଯାଞ୍ଚ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ରାତିରେ ଯାତାୟାତ କରୁଥିବା ସମସ୍ତ ଦୁଇଚକିଆ, ଚାରିଚକିଆ, ଭାରୀଯାନ, ଯାତ୍ରୀବାହୀ ବସଗୁଡିକର କାଗଜପତ୍ର, ଟ୍ରିପଲ ରାଇଡ ଏବଂ ସନ୍ଦେହଜନକ ସାମଗ୍ରୀର ତଲାସି ନିଆଯାଉଛି। ବିଶେଷ କରି ବିଳମ୍ବିତ ରାତିରେ ମଦ୍ୟପାନ କରି ଗାଡ଼ି ଚଲାଉଥିବା ଚାଳକଙ୍କ ଉପରେ ବ୍ରେଥ୍ ଆନାଲାଇଜର୍ ଜରିଆରେ ଯାଞ୍ଚ କରାଯାଉଛି। ନିୟମ ଉଲ୍ଲଂଘନ କରୁଥିବା ଗାଡ଼ି ଚାଳକଙ୍କଠାରୁ ମୋଟରଯାନ ଆଇନ ଅନୁଯାୟୀ ଜରିମାନା ଆଦାୟ କରାଯାଉଛି। ଅପରାଧମୁକ୍ତ ପରିବେଶ ସୃଷ୍ଟି କରିବା ପାଇଁ ପୁଲିସର ଏହି ଅଭିଯାନ ଆଗକୁ ମଧ୍ୟ ଜାରି ରହିବ ବୋଲି ଥାନା ସୂତ୍ରରୁ ପ୍ରକାଶ ପାଇଛି। ଏଥିରେ ଏସଆଇ ଶ୍ରୀନିବାସ ପଲକା, ହାବିଲଦାର ଦିଲ୍ଲୀପ କୁମାର ରଣା, ତ୍ରିନାଥ ବେହେରା, ଗୃହରକ୍ଷୀ ଗନ୍ଧର୍ବ ସାହୁ, ରାକେଶ ବେହେରା, ବଳରାମ ନାୟକ, ଦଣ୍ଡୁ ନାଇକ ପ୍ରମୁଖ ସାମିଲ ଥିଲେ।

# ବେଲଗୁଣ୍ଠା ପ୍ରେସ୍ କ୍ଲବ୍ ଓ ବିଶ୍ୱ ସମ୍ବାଦ କେନ୍ଦ୍ର ଆନୁକୂଲ୍ୟରେ ନାରଦ ଜୟନ୍ତୀ



**ବେଲଗୁଣ୍ଠା, ୧୪।୬(ସମିସ):** ବେଲଗୁଣ୍ଠା ପ୍ରେସ୍ କ୍ଲବ୍ ଓ ବିଶ୍ୱ ସମ୍ବାଦ କେନ୍ଦ୍ରର ମିଳିତ ଆନୁକୂଲ୍ୟରେ ସ୍ଥାନୀୟ ପ୍ରେସ୍ କ୍ଲବ୍ ସଭାଗୃହଠାରେ ନାରଦ ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ବେଲଗୁଣ୍ଠା ପ୍ରେସ୍ କ୍ଲବ୍ ସଭାପତି ପ୍ରଦ୍ୟୁମ୍ନ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ଭଞ୍ଜନଗର ଖଣ୍ଡ କାର୍ଯ୍ୟବାହ ପ୍ରଦୀପ କୁମାର ଆଚାର୍ଯ୍ୟ ମୁଖ୍ୟଅତିଥି, ଜିଲ୍ଲା କୁଟୁମ୍ବ ପ୍ରବୋଧନ ପ୍ରମୁଖ ମନୋଜ କୁମାର ପାତ୍ର ସମ୍ମାନିତ ଅତିଥି, ସହ ଜିଲ୍ଲା ପ୍ରଚାର ପ୍ରମୁଖ ମାଧବ ନାୟକ ମୁଖ୍ୟବକ୍ତା ଏବଂ ବେଲଗୁଣ୍ଠା ଏନଏସିର ୱାର୍ଡ ନମ୍ବର ୧ କାଉନସିଲର ଏସ୍. ଭାସ୍କର ପାତ୍ର ଓ ୱାର୍ଡ ନମ୍ବର ୨ କାଉନସିଲର ଦିବ୍ୟରଞ୍ଜନ ଦାସ ସ୍ୱତନ୍ତ୍ର ଅତିଥି ଭାବେ ମଞ୍ଚାସୀନ ଥିଲେ। ଏଥିସହିତ ପ୍ରେସ୍ କ୍ଲବ୍ ସମ୍ପାଦକ ଅଶ୍ୱିନୀ କୁମାର ମହାନ୍ତି ଏବଂ ମିଡିଆ କ୍ଲବ୍ ଉପଦେଷ୍ଟା ତଥା ବରିଷ୍ଠ ଶିକ୍ଷାବିତ୍ ମାଗୁଣୀ ମିଶ୍ର ମଧ୍ୟ ଅତିଥି ଭାବେ ଉପସ୍ଥିତ ଥିଲେ। ସମ୍ପାଦକ ଅଶ୍ୱିନୀ କୁମାର ମହାନ୍ତି ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ମଞ୍ଚାସୀନ ଅତିଥିମାନେ ମତ ବ୍ୟକ୍ତ କରିଥିଲେ ଯେ ନାରଦ ଜୀ କେବଳ ସମ୍ବାଦ ପ୍ରେରଣ କରୁନଥିଲେ, ବରଂ ସମାଜର ମଙ୍ଗଳ ତଥା ଧର୍ମର ପ୍ରତିଷ୍ଠା ପାଇଁ ସୂଚନାକୁ ମାଧ୍ୟମ କରୁଥିଲେ। ସମାଜକୁ 'ରାଷ୍ଟ୍ର ପ୍ରଥମ'ର ବାର୍ତ୍ତା ଦେବା ଏବଂ ଦେଶର ଉନ୍ନତି ପାଇଁ କାର୍ଯ୍ୟ କରିବା ପ୍ରତ୍ୟେକ ସାମ୍ବାଦିକଙ୍କ ପ୍ରାଥମିକ କର୍ତ୍ତବ୍ୟ ହେବା ଉଚିତ୍। ଏହି ସମାରୋହରେ ବେଲଗୁଣ୍ଠା ପ୍ରେସ୍ କ୍ଲବ୍ ସଦସ୍ୟ ଶିବରାମ ଚୌଧୁରୀଙ୍କୁ ଉଲ୍ଲେଖନୀୟ ଖବର ସଂଗ୍ରହ ଓ ପ୍ରସାରଣ ପାଇଁ ମହର୍ଷି ନାରଦ ଉପାଧିରେ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରେସ୍ କ୍ଲବ୍ ଅନ୍ୟତମ ସହଯୋଗୀ ତଥା ଶୁଭାକାଂକ୍ଷୀ ପ୍ରଧାନଶିକ୍ଷକ ଶିଶିର କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ। ଯୁବ ସମାଜସେବୀ ପପୁ ବେହେରାଙ୍କ ସହ ପ୍ରେସ୍ କ୍ଲବ୍ ଉପଦେଷ୍ଟା ସନ୍ତୋଷ କୁମାର ବିଷୋୟୀ, ସୁଶାନ୍ତ କୁମାର ବେହେରା, କୋଷାଧ୍ୟକ୍ଷ ବିଭୁପାଦ ଜେନା, ପୂର୍ବତନ ସଭାପତି ମାଧବଚନ୍ଦ୍ର ଆପଟ, ଚନ୍ଦନ କୁମାର ସାହୁ, ଏ. ମନୋଜ କୁମାର ପାତ୍ର, ସୁରେଶ କୁମାର ସୁବୁଦ୍ଧି, କୃଷ୍ଣଚନ୍ଦ୍ର ପଟ୍ଟନାୟକ, ସଦାଶିବ ପଣ୍ଡା, ନବକିଶୋର ମହାରଣା, ତୋଫାନ କୁମାର ସାହୁ, ପ୍ରଦୀପ କୁମାର ଚୌଧୁରୀ, ନାରାୟଣ ପଣ୍ଡା ଓ ପଞ୍ଚାନନ ସାହୁଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ବଜ୍ରାଘାତରେ ଟଳିପଡ଼ିଲେ ୧୨ ଛେଳି, ଅଳ୍ପକେ ବର୍ତ୍ତିଲେ ଚରାଳି

**ଭଞ୍ଜନଗର,୧୪।୬ (ସମିସ):** ଏହି ଉପଖଣ୍ଡର ଜଗନ୍ନାଥପ୍ରସାଦ ବ୍ଲକ ଅନ୍ତର୍ଗତ ବାରଦଣ୍ଡା ଗ୍ରାମରେ ରବିବାର ଅପରାହ୍ନ ସାଢେ ୩ଟା ସମୟରେ କାଳବୈଶାଖୀ ପ୍ରଭାବରୁ ବଜ୍ରାଘାତ ଘଟି ୧୨ଟି ଛେଳିଙ୍କ ମୃତ୍ୟୁ ଘଟିଛି। ଏଥିରେ ଛେଳି ଚରାଳି ଜଟିଆ ଗୌଡ ବଜ୍ରପାତ ମାରିବାରୁ ଅଳ୍ପକେ ରକ୍ଷା ପାଇଯାଇଛନ୍ତି। ଜଟିଆ ଜଣେ ଗରିବ ଚାଷୀ ହୋଇଥିବା ବେଳେ ହଠାତ୍ ତାଙ୍କର ଏତେବଡ କ୍ଷତିକୁ ନେଇ ସେ ଭାଙ୍ଗି ପଡିଛନ୍ତି। ରବିବାର ଅପରାହ୍ନରେ ତାରା ସିଂ ଥାନା ଇଲାକାରେ କାଳବୈଶାଖୀର ପ୍ରଭାବ ଅନୁଭୂତ ହୋଇଥିଲା। ହଠାତ୍ କଳାହାଣ୍ଡିଆ ମେଘ ମାଡି ଆସିବା ସହ ପ୍ରବଳ ବେଗରେ ଘଡଘଡି ବିଜୁଳି ମାରିଥିଲା। ଏହି ସମୟରେ ବାରଦଣ୍ଡା ଗ୍ରାମର ଜଟିଆ ଗୌଡ ଗାଁ ନିକଟ ମୁଖ୍ୟରାସ୍ତା କଡ଼ରେ ଛେଳି ଚରାଉଥିଲେ। ଆଉ ଘଡଘଡି ବିଜୁଳି ମାରିବା ଦେଖି ସେ ରାସ୍ତାର ଆରପାଖକୁ ଧାଇଁ ଯାଉଥିବା ବେଳେ ହଠାତ୍ ତାଙ୍କର ୧୨ଟି ଛେଳି ଟଳି ପଡିଥିଲେ। ଜଟିଆ ଦୁଃଖରେ ଭାଙ୍ଗି ପଡିଛନ୍ତି। କ୍ଷତିଗ୍ରସ୍ତ ଚାଷୀଙ୍କୁ ସରକାରଙ୍କ ପକ୍ଷରୁ ସହାୟତା ଯୋଗାଇ ଦେବା ପାଇଁ ଦାବି ହୋଇଛି। ବିଜେପିର ପୂର୍ବତନ ମଣ୍ଡଳ ସଭାପତି ତଥା ପୂର୍ବତନ ସରପଞ୍ଚ ରାଜୁ ପ୍ରଧାନ କ୍ଷତିଗ୍ରସ୍ତ ଚାଷୀଙ୍କୁ ଭେଟି ଆଶ୍ୱାସନା ଦେଇଛନ୍ତି।



## ପାରଳାଖେମୁଣ୍ଡି ପୁଲିସର ମିଳିତ ପହରା

# ବିଭିନ୍ନ ସ୍ଥାନରୁ ଚଢ଼ଉରେ ୧୧ ଗିରଫ



**ପାରଳାଖେମୁଣ୍ଡି, ୧୪।୬ (ସମିସ):** ଗଜପତି ଆରକ୍ଷୀ ଅଧୀକ୍ଷକ ପ୍ରହ୍ଲାଦ ସହାୟ ମୀନାଙ୍କ ନିର୍ଦ୍ଦେଶକ୍ରମେ ପାରଳାଖେମୁଣ୍ଡି ଆଦର୍ଶ ଥାନାଧିକାରୀ ପ୍ରଶାନ୍ତ ଭୂପତିଙ୍କ ନେତୃତ୍ୱରେ ପାରଳାଖେମୁଣ୍ଡି ସହର ଅଞ୍ଚଳରେ ଏକ ବ୍ୟାପକ ଅପରାଧୀ ଦମନ ଅଭିଯାନ କରାଯାଇଥିଲା। ଏଥିରେ ପାରଳାଖେମୁଣ୍ଡି ଥାନାର ବିଭିନ୍ନ ଅଧିକାରୀ ଓ ପୁଲିସ କର୍ମଚାରୀଙ୍କ ସହ ଡିଭିଏଫ୍ ଓ ଏପିଆର୍ ଫୋର୍ସ ସାମିଲ ହୋଇଥିଲେ। ସେରି ସାହି, ଜଙ୍ଗମ ସାହି, ରେଲି ସାହି ସମେତ ଅନ୍ୟାନ୍ୟ ସମ୍ବେଦନଶୀଳ ସାହି ଓ ସହରର ମୁଖ୍ୟ ରାସ୍ତାଗୁଡ଼ିକ ପରିକ୍ରମା କରିଥିଲେ। ଏହି ସମୟରେ ସନ୍ଦେହଜନକ ସ୍ଥାନଗୁଡ଼ିକରେ ଚଢ଼ଉ କରାଯାଇଥିଲା। ସେରି ସାହିରେ ରାସ୍ତାକଡ଼ରେ ଚାଲିଥିବା ଏକ ଜୁଆ ଖେଳ ଆଡ୍ଡାରୁ ୮ ଜଣ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିବା ବେଳେ ନଗଦ ଟଙ୍କା ନଗଦ ୨,୩୩୫ ଟଙ୍କା ଏବଂ ୮ଟି ମୋବାଇଲ୍ ଫୋନ୍ ଜବତ କରାଯାଇଛି। ସେହିପରି ରେଲି ସାହିରେ ଆଉ ଏକ ଚଢ଼ଉ ସମୟରେ ଏକ ଅବକାରୀ ମାମଲା ଧରାପଡ଼ିଥିଲା। ସେଠାରୁ ୧୪ଟି ବିୟର ବୋତଲ ଜବତ କରାଯାଇ ସମ୍ପୃକ୍ତ ବ୍ୟକ୍ତିଙ୍କୁ ଗିରଫ କରାଯାଇଛି। ସେହିପରି ଯାନବାହାନ ଯାଞ୍ଚ ସମୟରେ ଏକ ମୋଟରସାଇକଲରେ ବେଆଇନ ମଦ ବୋଝେଇ ନେଇଯାଉଥିବା ୨ ଜଣ ବ୍ୟକ୍ତିଙ୍କୁ ପୁଲିସ ଧରିଛି। ସେମାନଙ୍କଠାରୁ ୨୦ ଲିଟର ମଦ ଜବତ କରାଯାଇଛି। ଉଭୟଙ୍କୁ ଗିରଫ କରାଯାଇଛି। ପୃଥକ ଭାବେ ୨୨୪, ୨୨୫ ଏବଂ ୨୨୬/୨୦୨୬ରେ ମାମଲା ରୁଜୁ କରାଯାଇ ଘଟଣାର ତଦନ୍ତ ଚାଲୁ ରହିଛି। ଥାନାଧିକାରୀ କହିଛନ୍ତି ଯେ ପଦଯାତ୍ରା କରିବା ଦ୍ୱାରା ସାଧାରଣ ଲୋକଙ୍କ ମଧ୍ୟରେ ଆଇନ ପ୍ରତି ଭରସା ସୃଷ୍ଟି କରିବା ସହିତ ଅସାମାଜିକ କାର୍ଯ୍ୟକଳାପ କରୁଥିବା ବ୍ୟକ୍ତିମାନଙ୍କୁ କଡ଼ା ସନ୍ଦେଶ ଦିଆଯାଇଛି। ପାରଳାଖେମୁଣ୍ଡି ପୁଲିସ ପକ୍ଷରୁ ସହର ଓ ଗ୍ରାମାଞ୍ଚଳରେ ଏପରି ଏନଫୋର୍ସମେଣ୍ଟ ଡ୍ରାଇଭ୍ ଆଗାମୀ ଦିନରେ ମଧ୍ୟ ଜାରି ରହିବ।

# ଜି ଉଦୟଗିରିରେ ପହିଲିରଜ ପାଳିତ



**ଜି ଉଦୟଗିରି, ୧୪।୬(ସମିସ):** ଜି ଉଦୟଗିରିରେ ଆଜି ପହିଲି ରଜ ପାଳନ କରାଯାଇଛି। ଗ୍ରାମରୁ ସହର ସବୁଠି ଦୋଳି ଲାଗିଥିବା ବେଳେ ଶୁଭୁଛି "ବନସ୍ତେ ଡାକିଲା ଗଜ, ମୋ ଭାଇ ମୁଣ୍ଡରେ ସୁନା ମକୁଟ ଲୋ'.. । ଯୁବତୀମାନେ ନୂଆ ପୋଷାକ ପରିଧାନ କରିବା ସହିତ ସଜବାଜ ହୋଇ ରଜ ପାଇଁ ସ୍ୱତନ୍ତ୍ର ପ୍ରତିଯୋଗିତାରେ ଭାଗ ନେଇଥାନ୍ତି। ରଜ ପାଇଁ ବିଭିନ୍ନ ସଙ୍ଗଠନ ତରଫରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବା ସହିତ ପୀଠା ପଣା ଆୟୋଜନ କରାଯାଇଛି। ରଜରେ ପାନ ଖାଇବା ସ୍ୱତନ୍ତ୍ର ରହିଥିବା ବେଳେ ଏହାକୁ ଦୃଷ୍ଟିରେ ରଖି ବଜାରରେ ସ୍ୱତନ୍ତ୍ର ରଜ ପାନ ମିଳୁଥିବା ଦେଖିବାକୁ ମିଳିଛି। ରଜରେ ଦୋଳି ଘରେ ଘରେ ପଡ଼ିଥିବା ବେଳେ ସାମୂହିକ ଦୋଳିରେ ଅଧିକ ଭିଡ଼ ଦେଖିବାକୁ ମିଳିଛି।

## ଗ୍ରାମ୍ୟ ଉନ୍ନୟନ ବିଭାଗରେ ଦୁର୍ନୀତି

# ଭିଜିଲାନ୍ସ ତଦନ୍ତ ଦାବି ସହ ଥାନାରେ ଏତଲା



**ପାତ୍ରପୁର,୧୪।୬(ସମିସ):** ଚିକିଟୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଚିକିଟି ଓ ପାତ୍ରପୁର ବ୍ଲକର ଗ୍ରାମ୍ୟ ଉନ୍ନୟନ ବିଭାଗରେ ବ୍ୟାପକ ଅନିୟମିତତା ଓ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ଏନେଇ ବ୍ରହ୍ମପୁର ଭିଜିଲାନ୍ସ ବିଭାଗ ନିକଟରେ ଲିଖିତ ଅଭିଯୋଗ ଦାଖଲ କରିବା ସହିତ ଜରଡା ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣାପଡ଼ିଛି। ଚିକିଟି ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଗ୍ରାମାଞ୍ଚଳରେ ନିର୍ମାଣ ହୋଇଥିବା ରାସ୍ତା ତଥା ବିକାଶମୂଳକ କାର୍ଯ୍ୟର ମାନ ଅତ୍ୟନ୍ତ ନିମ୍ନମାନର ହୋଇଥିବା ବେଳେ ସରକାରୀ ଅର୍ଥର ଅପବ୍ୟବହାର ହୋଇଥିବା ଅଭିଯୋଗ ହୋଇଛି। କେତେକ ଠିକାଦାର ଓ ବିଭାଗୀୟ ଯନ୍ତ୍ରୀଙ୍କ ମଧ୍ୟରେ ଅସାଧୁ ମେଣ୍ଟ ଯୋଗୁଁ ନିର୍ମାଣ କାର୍ଯ୍ୟରେ ନିୟମକୁ ଅଣଦେଖା କରାଯାଇଛି। ବିଶେଷ କରି ଚିକିଟି ନିର୍ବାଚନମଣ୍ଡଳୀରେ ଏଭଳି ଅନିୟମିତତା ଅଧିକ ମାତ୍ରାରେ ଘଟିଥିବା ଦାବି କରାଯାଇଛି। ସ୍ଥାନୀୟ ଅଞ୍ଚଳରେ ନିର୍ମିତ ଅନେକ ପ୍ରକଳ୍ପ କାମ ଆରମ୍ଭର କିଛି ଦିନ ମଧ୍ୟରେ କ୍ଷତିଗ୍ରସ୍ତ ହୋଇପଡ଼ିଥିବାରୁ ସରକାରୀ ଅର୍ଥର ସଠିକ୍ ବ୍ୟବହାର ନେଇ ପ୍ରଶ୍ନ ଉଠାଇଛନ୍ତି ଅଭିଯୋଗକାରୀ। ଏହି ଘଟଣାର ସମ୍ପୂର୍ଣ୍ଣ ସତ୍ୟାସତ୍ୟ ଜାଣିବା ପାଇଁ ଉଚ୍ଚସ୍ତରୀୟ ଓ ନିରପେକ୍ଷ ତଦନ୍ତ କରାଯିବାକୁ ଅଭିଯୋଗକାରୀ ଦୃଢ଼ ଦାବି କରିଛନ୍ତି ରାସ୍ତାର ପିଚୁସ୍ତର ଏତେ ଦୁର୍ବଳ ଯେ ତାହା ହାତରେ ଟାଣିଲେ ସହଜରେ ଉଠିଯାଉଛି ଏବଂ ପିଚୁ ରାସ୍ତା ଉପରେ ଘାସ ଉଠିଥିବା ମଧ୍ୟ ଅଭିଯୋଗ ହୋଇଛି। କୌଣସି ବି ପ୍ରକଳ୍ପ ସ୍ଥାନରେ ସରକାରୀ ସୂଚନା ଫଳକ ଲଗା ନଯିବା ଚିନ୍ତାର ବିଷୟ ବୋଲି ଅଭିଯୋଗରେ କୁହାଯାଇଛି। ନିମ୍ନମାନର ରାସ୍ତା କାମ ହୋଇଥିବା ଅଭିଯୋଗକାରୀ ସରୋଜ ପଣ୍ଡା କହିଛନ୍ତି। ସେହିପରି ରବିବାର ଜରଡା ଥାନାରେ ଚିକିଟି ଗ୍ରାମ୍ୟ ଉନ୍ନୟନ ବିଭାଗ ଓ ଠିକାଦାରଙ୍କ ବିରୋଧରେ ଲିଖିତ ଅଭିଯୋଗ କରିଥିବା ନେଇ ସରୋଜ ପଣ୍ଡା କହିଛନ୍ତି।

# ପହିଲି ରଜର ଉତ୍ସାହ; ଦୋଳି ଓ ପିଠାପଣାରେ ଝୁମିଲେ କୁଆଁରୀ ଝିଅ

ପାରଳାଖେମୁଣ୍ଡି, ୧୪।୬ (ସମିସ)



ଓଡ଼ିଆଙ୍କ ଗଣପର୍ବ ରଜର ଆଗମନ ସହ ପାରଳାଖେମୁଣ୍ଡି ସହର ଓ ଆଖପାଖ ଅଞ୍ଚଳରେ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି। ପହିଲି ରଜ ଅବସରରେ କୁଆଁରୀ ଝିଅମାନେ ନୂଆ ପୋଷାକ ପିନ୍ଧି, ମଥାରେ କୁଙ୍କୁମ ଓ ପାଦରେ ଅଳତା ଲଗାଇ ସୁସଜ୍ଜିତ ହୋଇ ରଜଦୋଳିର ଆନନ୍ଦ ଉପଭୋଗ କରିଥିଲେ। ବିଭିନ୍ନ ସ୍ଥାନରେ ଦୋଳି ବନ୍ଧାଯାଇଥିବା ବେଳେ ରଜଗୀତ ଓ ହସଖୁସିରେ ମୁଖରିତ ହୋଇଉଠିଥିଲା ପରିବେଶ। ଜିଲ୍ଲାର ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ପହିଲି ରଜ ପାଳନ କରାଯାଇଥିଲା। ତିନି ଦିନ ଧରି ପାଳିତ ହେଉଥିବା ଏହି ଗଣପର୍ବର ପ୍ରଥମ ଦିନକୁ ପହିଲି ରଜ, ଦ୍ୱିତୀୟ ଦିନକୁ ରଜ ସଂକ୍ରାନ୍ତି ଏବଂ ତୃତୀୟ ଦିନକୁ ଭୂମି ଦହନ ବୋଲି କୁହାଯାଏ। ଚତୁର୍ଥ ଦିନ ବସୁମତୀ ସ୍ନାନ ସହ ରଜ ପର୍ବର ସମାପନ ହୋଇଥାଏ। ଦ୍ୱିଭାଷୀ ସଂସ୍କୃତିର ଏକ ଅନନ୍ୟ ଉଦାହରଣ ଭାବେ ପରିଚିତ ପାରଳାଖେମୁଣ୍ଡି ଅଞ୍ଚଳରେ ଓଡ଼ିଆଙ୍କ ଏହି ପାରମ୍ପରିକ ପର୍ବରେ ତେଲୁଗୁ ସମ୍ପ୍ରଦାୟର ଲୋକମାନେ ମଧ୍ୟ ସାମିଲ ହୋଇ ଉତ୍ସବକୁ ଅଧିକ ଆକର୍ଷଣୀୟ କରିଥାନ୍ତି। ଯଦିଓ ରାଜ୍ୟର ଅନ୍ୟାନ୍ୟ ଜିଲ୍ଲା ତୁଳନାରେ ଗଜପତି ଜିଲ୍ଲାରେ ରଜ ପାଳନ ଆଂଶିକ ଭାବେ ହୋଇଥାଏ, ତଥାପି ବିଭିନ୍ନ ମହିଳା ସଂଗଠନ ଓ ସାମାଜିକ ଅନୁଷ୍ଠାନ ପକ୍ଷରୁ ଏହି ପର୍ବକୁ ଉତ୍ସାହର ସହ ପାଳନ କରାଯାଉଛି। ଆସନ୍ତା ସୋମବାର ବିଭିନ୍ନ ସଂଗଠନ ପକ୍ଷରୁ ସ୍ୱତନ୍ତ୍ର ରଜ ଉତ୍ସବ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପାରମ୍ପରିକ ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ସୂଚନା ମିଳିଛି। ତେବେ ରଜ କେବଳ ଏକ ପର୍ବ ନୁହେଁ, ବରଂ ଓଡ଼ିଆ ସଂସ୍କୃତି, ନାରୀତ୍ୱ ଓ ପ୍ରକୃତି ପ୍ରତି ସମ୍ମାନର ଏକ ଜୀବନ୍ତ ପରମ୍ପରା ବୋଲି ସାଂସ୍କୃତିକ ପ୍ରେମୀମାନେ ମତ ପ୍ରକାଶ କରିଛନ୍ତି।

**ଅସ୍ତିତ୍ୱ ହରାଉଛି ଦକ୍ଷତା ତାଲିମ୍, କାଉନ୍‌ସେଲିଂ ବନ୍ଦ**

# ଆଇଟିଆଇରେ ନାମଲେଖା ଆବେଦନ ନୈରାଶ୍ୟଜନକ

ବ୍ରହ୍ମପୁର,୧୪।୬(ସମିସ)

ରାଜ୍ୟ ସରକାର କେଜିରୁ ପିଜି ପର୍ଯ୍ୟନ୍ତ ନିଶୁଳ୍କ ଶିକ୍ଷା ପ୍ରଦାନ ନୀତିକୁ ଗୁରୁତ୍ୱ ଦେଇଥିବା ବେଳେ ଦକ୍ଷତାଭିତ୍ତିକ ଶିକ୍ଷା ଓ ତାଲିମ ବ୍ୟବସ୍ଥା ଧୀରେ ଧୀରେ ନିଜର ଅସ୍ତିତ୍ୱ ହରାଇବାକୁ ବସିଛି। ଚାକିରି ଓ ସ୍ୱାବଲମ୍ବନର ମୂଳ ଆଧାର ଭାବେ ପରିଗଣିତ ଆଇଟିଆଇ ଶିକ୍ଷା ପ୍ରତି ଛାତ୍ରଛାତ୍ରୀଙ୍କ ଆଗ୍ରହ କମିଯାଉଥିବା ଚିତ୍ର ଏବେ ଚିନ୍ତାର ବିଷୟ ପାଲଟିଛି। ନାମଲେଖା ପ୍ରକ୍ରିୟା ଚାଲିଥିଲେ ମଧ୍ୟ ଆଶାନୁରୂପ ଆବେଦନ ନ ଆସିବା ଦକ୍ଷତା ବିକାଶ କ୍ଷେତ୍ରର ଭବିଷ୍ୟତକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟର ଅନ୍ୟତମ ପ୍ରମୁଖ ବୈଷୟିକ ତାଲିମ ଅନୁଷ୍ଠାନ ବ୍ରହ୍ମପୁର ଆଇଟିଆଇର ସ୍ଥିତି ଏହାର ସ୍ପଷ୍ଟ ଉଦାହରଣ। ଏକଦା ଦକ୍ଷତା ବିକାଶର ମଡେ଼ଲ ଭାବେ ପରିଚିତ ଏହି ଅନୁଷ୍ଠାନକୁ କେନ୍ଦ୍ର ଓ ରାଜ୍ୟ ସରକାର ମିଳିତ ଭାବେ ମଡେ଼ଲ ଆଇଟିଆଇ ଭାବେ ଗଢ଼ି ତୋଳିବାର ସ୍ୱପ୍ନ ଦେଖିଥିଲେ। ଆଧୁନିକ କାର୍ଯ୍ୟଶାଳା, ଉନ୍ନତ ଲାବୋରେଟୋରି ଓ ନୂତନ ଟ୍ରେଡ୍ ମାଧ୍ୟମରେ ଏହା ଦେଶର ଅନ୍ୟାନ୍ୟ ଆଇଟିଆଇ ପାଇଁ ଏକ ଦିଗଦର୍ଶକ ହେବ ବୋଲି ଆଶା ରହିଥିଲା। ବିଶେଷ କରି ନଷ୍ଟରୁ ଶ୍ରେଷ୍ଠ ସାମଗ୍ରୀ ଗଢିବାର କଳାକୌଶଳ ବ୍ରହ୍ମପୁର ଆଇଟିଆଇ ଦେଶ ବିଦେଶକୁ ଶିଖାଇଥିଲା; କିନ୍ତୁ ବର୍ତ୍ତମାନର ନାମଲେଖା ଚିତ୍ର ସେହି ସ୍ୱପ୍ନ ଉପରେ ପ୍ରଶ୍ନ ଚିହ୍ନ ଲଗାଇ ଦେଇଛି। ଚଳିତ ଶିକ୍ଷାବର୍ଷ ପାଇଁ ଏପ୍ରିଲ ୧୪ ତାରିଖରୁ ଅନଲାଇନ ପଞ୍ଜୀକରଣ ଆରମ୍ଭ ହୋଇଥିବା ବେଳେ



ବ୍ରହ୍ମପୁର ଆଇଟିଆଇରେ ଏପର୍ଯ୍ୟନ୍ତ ମାତ୍ର ୧୫୦୦ଟି ଆବେଦନ ଆସିଥିବା ଜଣାପଡ଼ିଛି। ଏଥିମଧ୍ୟରୁ ପ୍ରାୟ ୧୨୦୦ ଜଣ ପୁଅ ଓ ୩୦୦ ଜଣ ଝିଅ ଆବେଦନ କରିଛନ୍ତି। ଅନୁଷ୍ଠାନର ଭିତ୍ତିଭୂମି, ପୁରୁଣା ପରମ୍ପରା ଓ ଚାକିରି ସୁଯୋଗକୁ ଦେଖିଲେ ଏହି ସଂଖ୍ୟା ଅତ୍ୟନ୍ତ ନୈରାଶ୍ୟଜନକ ବୋଲି ଶିକ୍ଷାବିତ୍ ଓ ତାଲିମ ବିଶେଷଜ୍ଞମାନେ ମତ ଦେଇଛନ୍ତି। ବ୍ରହ୍ମପୁର ଆଇଟିଆଇରେ ପୁଅ ଅପେକ୍ଷା ଝିଅମାନଙ୍କ ସଂଖ୍ୟା ପ୍ରତିବର୍ଷ ଅଧିକ ରହୁଥିଲା; କିନ୍ତୁ ଚଳିତବର୍ଷ ଏହି ଧାରା ବଦଳିବାର ଆଭାଷ ମିଳିଛି। କୁହାଯାଉଛି ଯେ ଚଳିତବର୍ଷ କାଉନସେଲିଂ ହୋଇନାହିଁ। ପୂର୍ବରୁ ଏଠାକାର ତାଲିମଦାତାମାନେ ବିଭିନ୍ନ ଗ୍ରାମାଞ୍ଚଳକୁ ଯାଇ ଆଇଟିଆଇ ଶିକ୍ଷା ବିଷୟରେ ସଚେତନ କରୁଥିଲେ। ରୋଜଗାର ଓ ଦକ୍ଷତା ବିକାଶର ରାହା ସମ୍ପର୍କରେ ୧୦ପାସ୍ ଛାତ୍ରଛାତ୍ରୀଙ୍କୁ ବୁଝାଉଥିଲେ। ତାହା ବର୍ତ୍ତମାନ

**ମଡେଲ୍ ଆଇଟିଆଇ ସ୍ୱପ୍ନରେ ଡୋରି**

ଠପ୍ ହୋଇଯାଇଛି। କେବଳ ଏତିକି ନୁହେଁ ଦକ୍ଷତା ବିକାଶ କ୍ଷେତ୍ରରେ ଏହି ପଛୁଆପଣ ପଛରେ ଅନେକ କାରଣ ରହିଛି। ପ୍ରଥମତଃ, ଉଚ୍ଚଶିକ୍ଷା ପ୍ରତି ଛାତ୍ରଛାତ୍ରୀ ଓ ଅଭିଭାବକଙ୍କ ଆକର୍ଷଣ ବଢ଼ିଛି। କେଜିରୁ ପିଜି ପର୍ଯ୍ୟନ୍ତ ମାଗଣା ଶିକ୍ଷା ସୁବିଧା ଥିବାରୁ ଅନେକେ ଆଇଟିଆଇ ପରି ବୈଷୟିକ ତାଲିମକୁ ଅଣଦେଖା କରୁଛନ୍ତି। ଦ୍ୱିତୀୟତଃ, ସ୍କୁଲ ଓ କଲେଜ ସ୍ତରରେ କ୍ୟାରିୟର କାଉନସେଲିଂ ବ୍ୟବସ୍ଥା ପ୍ରାୟ ଠପ ହୋଇଯାଇଛି। ଫଳରେ ଛାତ୍ରଛାତ୍ରୀମାନେ ଦକ୍ଷତା ଭିତ୍ତିକ ଶିକ୍ଷାର ଚାହିଦା ଓ ରୋଜଗାର ସମ୍ଭାବନା ସମ୍ପର୍କରେ ସଠିକ ସୂଚନା ପାଉନାହାନ୍ତି। ଅନ୍ୟପକ୍ଷରେ, ଅନେକ ଶିଳ୍ପ ସଂସ୍ଥାରେ ଦକ୍ଷ କର୍ମଚାରୀଙ୍କ ଚାହିଦା ବଢୁଥିଲେ ମଧ୍ୟ ଆଇଟିଆଇ ପ୍ରତି ଆଗ୍ରହ କମିବା ଏକ ବିରୋଧାଭାସୀ ଚିତ୍ର ସୃଷ୍ଟି କରିଛି। ଇଲେକ୍ଟ୍ରିସିଆନ, ଫିଟର, ୱେଲେଡର, ମେକାନିକ, ରେଫ୍ରିଜରେସନ ଓ ଏୟାର କଣ୍ଡିସନିଂ ଭଳି ବିଭିନ୍ନ ଟ୍ରେଡ୍‌ରେ ଦକ୍ଷ ଯୁବକଙ୍କ ଚାହିଦା ଥିବା ସତ୍ତ୍ୱେ ଏହି କ୍ଷେତ୍ରକୁ ଆସିବା ପାଇଁ ଯୁବପିଢ଼ି ଆଉ ଏତେଟା ଆଗ୍ରହ ଦେଖାଉନାହାନ୍ତି। ବିଶେଷଜ୍ଞମାନଙ୍କ ମତରେ, ଯଦି ଦକ୍ଷତା ବିକାଶ କ୍ଷେତ୍ରକୁ ପୁଣିଥରେ ସକ୍ରିୟ କରିବାକୁ ହୁଏ, ତେବେ ସ୍କୁଲ ସ୍ତରରୁ କ୍ୟାରିୟର ସଚେତନତା ଅଭିଯାନ ଆରମ୍ଭ କରିବାକୁ ପଡ଼ିବ। ଆଇଟିଆଇ ଛାତ୍ରଛାତ୍ରୀଙ୍କ ସଫଳତା କାହାଣୀକୁ ସାମ୍ନାକୁ ଆଣିବା, ଶିଳ୍ପ ସଂସ୍ଥା ସହ ଅଧିକ ସମନ୍ୱୟ ସ୍ଥାପନ କରିବା ଏବଂ ନିୟମିତ କାଉନସେଲିଂ କାର୍ଯ୍ୟକ୍ରମ କରିବା ଆବଶ୍ୟକ ରହିଛି। ସେହିକ୍ରମରେ ଏକଦା ଦକ୍ଷତା ତାଲିମ କ୍ଷେତ୍ରରେ ନୂଆ ଦିଶା ଦେଖାଇଥିବା ବ୍ରହ୍ମପୁର ଆଇଟିଆଇ ଆଜି ଆବେଦନ ଅଭାବରେ ସଂଘର୍ଷ କରୁଛି। ଏହି ଧାରା ଜାରି ରହିଲେ କେବଳ ଏକ ଅନୁଷ୍ଠାନ ନୁହେଁ, ବରଂ ରାଜ୍ୟର ଦକ୍ଷତା ବିକାଶ ବ୍ୟବସ୍ଥା ମଧ୍ୟ ଗୁରୁତର ପ୍ରଭାବିତ ହେବ। ତେଣୁ ସମୟ ଥାଉଥାଉ ଏହା ଉପରେ ସରକାର ଓ ସମ୍ପୃକ୍ତ ବିଭାଗ ଧ୍ୟାନ ଦେବା ଜରୁରୀ ବୋଲି ମତ ପ୍ରକାଶ ପାଉଛି। ଯଦି ଏହି ଧାରା ଜାରି ରହେ, ତେବେ ଭବିଷ୍ୟତରେ ଶିଳ୍ପ କ୍ଷେତ୍ର ପାଇଁ ଦକ୍ଷ କାରିଗର ଓ ଟେକ୍ନିକାଲ ମ୍ୟାନପାୱାରର ଅଭାବ ଦେଖାଦେଇପାରେ। ତେଣୁ ସ୍କୁଲସ୍ତରରୁ କ୍ୟାରିୟର କାଉନସେଲିଂକୁ ସକ୍ରିୟ କରିବା ଦିଗରେ ସରକାର ଓ ପ୍ରଶାସନ ଗୁରୁତ୍ୱ ଦେବା ଆବଶ୍ୟକତା ରହିଛି ବୋଲି ଶିକ୍ଷାବିତ୍‌ମାନେ ମତ ଦେଇଛନ୍ତି। ନଚେତ୍, ଏକଦା ଦେଶକୁ ନୂଆ ଦିଶା ଦେବାର ସ୍ୱପ୍ନ ଦେଖିଥିବା ବ୍ରହ୍ମପୁର ଆଇଟିଆଇ କେବଳ ନାମକୁ ମଡେଲ ହୋଇ ରହିଯିବ ଓ ଦକ୍ଷତା ତାଲିମର ମୂଳ ଉଦ୍ଦେଶ୍ୟ ଧୀରେ ଧୀରେ ଅସ୍ତିତ୍ୱ ହରାଇବ।

## ଓଃ କି ଚାପ ! ଗୋଟିଏ ଫୋନ୍ କଲ୍‌ରେ ବଦଳିଗଲା ସବୁ ନିଷ୍ପତ୍ତି



**ବ୍ରହ୍ମପୁର,୧୪।୬(ସମିସ):** ଡବଲ ଇଂଜିନ ସରକାରରେ ଚାପରେ ରହିଛି ପୁଲିସ। ପରିସ୍ଥିତି ଏଭଳି ହୋଇଛି ଯେ ନିରପେକ୍ଷ ଭାବେ ଜନସାଧାରଣଙ୍କୁ ନ୍ୟାୟ ଦେବା ମଧ୍ୟ ସମ୍ଭବପର ହେଉନାହିଁ। ଯେଉଁଥିପାଇଁ ଅଯଥାରେ ପୁଲିସ ଲୋକଙ୍କ ନିନ୍ଦା ଓ ଅପବାଦର ଶିକାର ହେବା ସହ ଚକ୍ଷୁଶୀଳ ମଧ୍ୟ ହେଉଛି। ଏଭଳି ସ୍ଥିତିରେ ବ୍ରହ୍ମପୁରର ଏକ ବିରଳ ଘଟଣା ଲୋକଲୋଚନକୁ ଆସିବା ସହିତ ଏହାକୁ ନେଇ ବେଶ ଚର୍ଚ୍ଚାୱାଧ ହେଉଛି। ନିକଟରେ ବୈଦ୍ୟନାଥପୁର ଥାନା ପୁଲିସ ବାଲି ବୋଝେଇ ୨ଟି ହାଇୱା, ଗୋଟିଏ ଟିପ୍ପର ଓ ଗୋଟିଏ ଟ୍ରାକ୍ଟରକୁ ଜବତ କରିବା ସହିତ ଜଣେ ମାଲିକଙ୍କ ସମେତ ୪ଟି ଗାଡିର ୪ଜଣ ଚାଳକଙ୍କୁ ଥାନାରେ ଅଟକ ରଖିଥିଲା। ଅଟକ ୫ଜଣଙ୍କୁ ଥାନାରେ ରଖିବା ସହିତ ଜବତ ଗାଡିଗୁଡିକୁ ଥାନା ସମ୍ମୁଖରେ ରାସ୍ତା କଡରେ ପାର୍କିଂ କରାଯାଇଥିଲା। ତେବେ ଗତ ୧୨ତାରିଖ ବିଳମ୍ବିତ ରାତିରେ ଅଟକ ୫ଜଣଙ୍କୁ ମେଡିକାଲକୁ ନେଇ ଚିକିତ୍ସା କରିବା ସହିତ ସେମାନଙ୍କୁ ପର୍ଯ୍ୟାୟ କ୍ରମେ ବିଳମ୍ବିତ ରାତିରେ ଅର୍ଥାତ୍ ପ୍ରାୟ ସାଢେ ୧୧ଟାରୁ ୧୨ଟା ମଧ୍ୟରେ ମାଜିଷ୍ଟ୍ରେଟଙ୍କ ଆବାସିକ କାର୍ଯ୍ୟାଳୟକୁ କୁଆଡେ ନିଆଯାଇଥିଲା। ଅଭିଯୁକ୍ତଙ୍କୁ ଜମୀନରେ ଆଣିବାକୁ କିଛି ଓକିଲ ମଧ୍ୟ ସେଠାକୁ ଯାଇଥିଲେ। ତେବେ ହଠାତ୍ କୌଣସି ଏକ ପ୍ରଭାବଶାଳୀ ବ୍ୟକ୍ତିଙ୍କର ଏକ ଫୋନ କଲ ଆସିବା ପରେ ସବୁକିଛି ବଦଳି ଯାଇଥିବା ଅଭିଯୋଗ ହୋଇଛି। ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର କରିବା ପୂର୍ବରୁ ହଠାତ୍ ସମସ୍ତ ଅଭିଯୁକ୍ତଙ୍କୁ ପୁଣି ଥାନାକୁ ଫେରାଇ ଆଣି ତରବରିଆ ଭାବେ ଥାନାରୁ ୪୧ ଧାରାରେ ଛାଡି ଦିଆଯାଇଥିବା ନେଇ ଚର୍ଚ୍ଚା ଜୋର ଧରିଛି। ତେବେ ଏହି ଘଟଣାକୁ ନେଇ ଚାଲିଥିବା ଚର୍ଚ୍ଚାର ସତ୍ୟତା କେତେ ତାହା ସନ୍ଦେହ ଘେରରେ ଥିଲେ ହେଁ ତଦନ୍ତ ସାପେକ୍ଷ। ଘଟଣା ଯଦି ସତ ହୋଇଥାଏ ତେବେ ସାଙ୍ଘାତିକ। ଏଣୁ ଏହାର ସତ୍ୟତା ଯାଞ୍ଚ କରିବାକୁ ହେଲେ ବୈଦ୍ୟନାଥପୁର ଥାନାର ୧୨ ଓ ୧୩ତାରିଖର ସିସିଟିଭି ଫୁଟେଜ ସହିତ ଅଭିଯୁକ୍ତଙ୍କୁ ମେଡିକାଲ ଓ ମାଜିଷ୍ଟ୍ରେଟଙ୍କ ଘର ନିକଟକୁ ନେଇଥିବା ସରକାରୀ ଗାଡିର ଲଗବୁକ ଯାଞ୍ଚ କରିବା ଜରୁରୀ ବୋଲି ଦାବି ହୋଇଛି। ସେପଟେ ୧୩ତାରିଖ ସକାଳେ ଥାନା ସମ୍ମୁଖରେ ଥିବା ସମସ୍ତ ଜବତ ୪ଟି ଭାରିଯାନ ଗୁଡିକୁ ମଧ୍ୟ ଛାଡି ଦିଆଯାଇଥିବା ଦେଖିବାକୁ ମିଳିଛି। ଏଭଳି ସ୍ଥିତିରେ ବାଲି ବୋଝେଇ ଗାଡିଗୁଡିକୁ କେଉଁ ଅଭିଯୋଗରେ ଅଣାଯାଇଥିଲା ଏବଂ ଯଦି ଜରିମାନା ଆଦାୟ କରାଯାଇଛି ତେବେ କେଉଁ ସରକାରୀ ଅଧିକାରୀ ଏହି ଜରିମାନା

- **ଦିନରେ ଧରିଲେ; ରାତି ଅଧରେ ଅଭିଯୁକ୍ତଙ୍କୁ ଛାଡ଼ିବାକୁ ବାଧହେଲା ପୁଲିସ**
- **ବାଲି ବୋଝେଇ ୪ଟି ଗାଡ଼ି ସହ ୫ ଜଣଙ୍କୁ ଅଟକ ରଖିଥିଲା ବୈଦ୍ୟନାଥପୁର ଥାନା ପୁଲିସ**
- **ମାଜିଷ୍ଟ୍ରେଟଙ୍କ ଘରଠୁ ଅଭିଯୁକ୍ତଙ୍କୁ ଫେରାଇଆଣି ଥାନାରୁ ୪୧ରେ ଛାଡ଼ିଦେଇଥିବା ଅଭିଯୋଗ**

ଆଦାୟ କରିଛନ୍ତି ତାହା ମଧ୍ୟ ତଦନ୍ତ ସାପେକ୍ଷ ବୋଲି ସାଧାରଣରେ ଆଲୋଚନା ହେଉଛି। ଗଞ୍ଜାମ ଜିଲ୍ଲାରେ ବେନିୟମ ଲଘୁ ଖଣିଜ ସମ୍ପଦର ବେଧଡକ ଚୋରାଚାଲାଣ କାହାକୁ ଅଛପା ନାହିଁ। ଏଭଳି ସ୍ଥିତିରେ ଖଣି ବିଭାଗ ନିରବଦ୍ରଷ୍ଟା ସାଜିବାକୁ ନେଇ ମଧ୍ୟ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ବର୍ତ୍ତମାନ ସମଗ୍ର ରାଜ୍ୟରେ ବିଭିନ୍ନ ଘଟଣାକୁ ନେଇ ପୁଲିସର କାର୍ଯ୍ୟକାରିତା ଓ ଆତ୍ମସମ୍ମାନ ଉପରେ ଆଞ୍ଚ ଆସିଥିବା ବେଳେ ଏଭଳି ଏକ ବିରଳ ଘଟଣା ସମସ୍ତଙ୍କୁ ଚକିତ କରିଛି। ଘଟଣାର ନିରପେକ୍ଷ ତଦନ୍ତ କରି ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି।

**ରକ୍ତଦାତା ଦିବସ**

# ଟିପିଏସ୍‌ଓଡିଏଲ୍ ପକ୍ଷରୁ ରକ୍ତଦାନ ଶିବିର

**ବ୍ରହ୍ମପୁର,୧୪।୬(ସମିସ):** ଟିପି ସଦର୍ଣ୍ଣ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସ୍‌ଓଡିଏଲ) ସମୁଦାୟର କଲ୍ୟାଣ ଓ କର୍ମଚାରୀଙ୍କ ସ୍ୱେଚ୍ଛାକୃତ ସେବା କାର୍ଯ୍ୟ ପ୍ରତି ଥିବା ତା'ର ଦୃଢ଼ ପ୍ରତିବଦ୍ଧତାକୁ ଦୋହରାଇଛି। ଏହିକ୍ରମରେ ବିଶ୍ୱ ରକ୍ତଦାନ ଦିବସ ଅବସରରେ ଭଞ୍ଜନଗର ସର୍କଲ ଅଫିସ ନିକଟସ୍ଥ ଘୁମୁସର କ୍ଲବରେ ଟିପିଏସ୍‌ଓଡିଏଲ୍ ତରଫରୁ ରକ୍ତଦାନ ଶିବିର ଆୟୋଜିତ ହୋଇଛି। ପ୍ରତିବର୍ଷ ଜୁନ ୧୪ତାରିଖରେ ବିଶ୍ୱ ରକ୍ତଦାନ ଦିବସ ପାଳନ କରାଯାଏ। ଯାହାର ଉଦ୍ଦେଶ୍ୟ ହେଉଛି ସ୍ୱେଚ୍ଛାକୃତ ରକ୍ତଦାନକୁ ପ୍ରୋତ୍ସାହନ କରିବା ଏବଂ ରକ୍ତଦାନର ଜୀବନ ରକ୍ଷାକାରୀ ଗୁରୁତ୍ୱ ସଂପର୍କରେ ଜନ ସଚେତନତା ସୃଷ୍ଟି କରିବା। ଆୟୋଜିତ ଶିବିରରେ ଟିପିଏସ୍‌ଓଡିଏଲର କର୍ମଚାରୀ, ବ୍ୟାବସାୟିକ ସହଯୋଗୀ ଏବଂ ସ୍ଥାନୀୟ ସମୁଦାୟର ସଦସ୍ୟମାନେ ଏକ ମହତ ଉଦ୍ଦେଶ୍ୟର ସହ ଏକଜୁଟ ହୋଇଥିଲେ। ଟିପିଏସ୍‌ଓଡିଏଲ୍ ତରଫରୁ ଆୟୋଜିତ ଏହି ରକ୍ତଦାନ ଶିବିର ଏମକେସିଜି ମେଡ଼ିକାଲ କଲେଜ, ବ୍ରହ୍ମପୁରର ରକ୍ତ ସଞ୍ଚାରଣ, ଚିକିତ୍ସା ବିଭାଗ ସହଯୋଗରେ ହୋଇଛି। ଏଥିରେ ଚିକିତ୍ସା ବିଶେଷଜ୍ଞମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରୀକ୍ଷା କରିବା ଏବଂ ନିର୍ଦ୍ଧାରିତ ଚିକିତ୍ସା ମାନଦଣ୍ଡ ଅନୁଯାୟୀ ରକ୍ତଦାନ ପ୍ରକ୍ରିୟା ସୁରକ୍ଷିତ ଓ ଦକ୍ଷତାର ସହ ସମ୍ପାଦିତ



ହୋଇଛି। ଏହି କାର୍ଯ୍ୟକ୍ରମରେ ଟିପିଏସ୍‌ଓଡିଏଲର କର୍ମଚାରୀ, ବ୍ୟାବସାୟିକ ସହଯୋଗୀ ଏବଂ ସ୍ଥାନୀୟ ବାସିନ୍ଦାମାନଙ୍କ ଉତ୍ସାହଜନକ ଅଂଶଗ୍ରହଣ ଦେଖିବାକୁ ମିଳିଥିଲା। ଆୟୋଜିତ ଶିବିରରୁ ମୋଟ ୬୪ ୟୁନିଟ ରକ୍ତ ସଂଗୃହୀତ ହୋଇଛି। ଯାହା ଏହି ଜୀବନ ରକ୍ଷାକାରୀ ମହତ କାର୍ଯ୍ୟ ପ୍ରତି ଅଂଶଗ୍ରହଣକାରୀମାନଙ୍କ ଥିବା ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଏ। ଏହି ଶିବିରରେ ଯୋଗ ଦେଇଥିବା ବିଶିଷ୍ଟ ବ୍ୟକ୍ତିମାନେ ଅଂଶଗ୍ରହଣକାରୀଙ୍କ ଦ୍ୱାରା ପ୍ରଦର୍ଶିତ ସ୍ୱେଚ୍ଛାକୃତ ରକ୍ତଦାନ ମନୋଭାବକୁ ପ୍ରଶଂସା କରିଥିଲେ। ଏଥିସହିତ ଜୀବନ ରକ୍ଷା ଓ ସ୍ୱାସ୍ଥ୍ୟସେବାକୁ ସୁଦୃଢ଼ କରିବାରେ ନିୟମିତ ରକ୍ତଦାନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଓ ଯୁବପିଢ଼ିଙ୍କୁ ଏହି ମହତ କାର୍ଯ୍ୟରେ ଅଧିକ ମାତ୍ରାରେ ଯୋଗ ଦେବାକୁ ଉତ୍ସାହିତ କରିଥିଲେ। ଏହି ଅବସରରେ ଅମିତ କୁମାର ଗର୍ଗ, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଟିପିଏସ୍‌ଓଡିଏଲ୍ କହିଛନ୍ତି, ପ୍ରତିଟି ବୁନ୍ଦା ରକ୍ତ ଜୀବନ ପାଇଁ ଏକ ଆଶୀର୍ବାଦ। ଏଭଳି କାର୍ଯ୍ୟକ୍ରମ ମାଧ୍ୟମରେ ଆମେ କରୁଣା, ସ୍ୱେଚ୍ଛାକୃତ ସେବା ଏବଂ ଏକ ସାମୂହିକ ଦାୟିତ୍ୱବୋଧର ସଂସ୍କୃତି ଗଢ଼ି ତୋଳିବାକୁ ଚାହୁଁ। ଆମ କର୍ମଚାରୀ ଓ ଅଂଶୀଦାରମାନେ ଏପରି ଏକ ମହତ ଉଦ୍ଦେଶ୍ୟ ପାଇଁ ଏକଜୁଟ ହେଉଥିବାର ଦେଖି ଖୁବ୍ ଆନନ୍ଦ ଅନୁଭବ ହୁଏ, ଯାହା ପ୍ରତ୍ୟକ୍ଷ ଭାବରେ ଜୀବନ ରକ୍ଷା ଓ ସମୁଦାୟକୁ ସୁଦୃଢ଼ କରିବାରେ ମୁଖ୍ୟ ଭୂମିକା ନେଇଥାଏ। ଟିପିଏସ୍‌ଓଡିଏଲର କର୍ପୋରେଟ ସାମାଜିକ ଦାୟିତ୍ୱବୋଧ ବିଭାଗ (ସିଏସ୍‌ଆର) ଟିମ୍ ତରଫରୁ ଆୟୋଜିତ ଏହି ରକ୍ତଦାନ ଶିବିର କମ୍ପାନୀର କର୍ମଚାରୀଙ୍କ ମଧ୍ୟରେ ସ୍ୱେଚ୍ଛାକୃତ ସେବା ଓ ସାମୁଦାୟିକ ସମ୍ପୃକ୍ତିକୁ ପ୍ରୋତ୍ସାହିତ କରିବାର ଏକ ଅଂଶ ଅଟେ। ଏଭଳି ଅଭିଯାନ ମାଧ୍ୟମରେ ଟିପିଏସ୍‌ଓଡିଏଲ୍ ସକରାତ୍ମକ ସାମାଜିକ ପ୍ରଭାବ ସୃଷ୍ଟି କରିବା ଏବଂ ଏହା ସେବା ଯୋଗାଉଥିବା ସମୁଦାୟର କଲ୍ୟାଣ ପ୍ରତି ତାର ଯୋଗଦାନ ଦେଇଆସୁଛି। ଶିବିରରେ ବିଶିଷ୍ଟ ଅତିଥି ଭାବରେ ଅଭିପ୍ସା ପଟ୍ଟନାୟକ, ତହସିଲଦାର, ଭଞ୍ଜନଗର, ଭାରତୀ ଦେବୀ, ବ୍ଲକ ଉନ୍ନୟନ ଅଧିକାରୀ, ଭଞ୍ଜନଗର ଏବଂ ହିମାଂଶୁ ଶେଖର ମହାନ୍ତି, ବନଖଣ୍ଡ ଅଧିକାରୀ, ଉତ୍ତର ଘୁମୁସର ବନଖଣ୍ଡ ଉପସ୍ଥିତ ଥିଲେ। ସେହିଭଳି ପ୍ରତାପ କେଶରୀ ସାହୁ, ମୁଖ୍ୟ ଯନ୍ତ୍ରୀ, ଟିପିଏସ୍‌ଓଡିଏଲ୍; ଅଭିଜିତ ପାଢ଼ୀ, ଅଧୀକ୍ଷଣ ଯନ୍ତ୍ରୀ ଓ ସର୍କଲ ମୁଖ୍ୟ ଭଞ୍ଜନଗରଙ୍କ ସମେତ ଅନ୍ୟ ଅଧିକାରୀ ଏବଂ କର୍ମଚାରୀ ଯୋଗ ଦେଇଥିଲେ।

## ଦମ୍ପତିଙ୍କୁ ଆକ୍ରମଣ ଅଭିଯୋଗ; ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର,୧୪।୬(ସମିସ):** ଦମ୍ପତିଙ୍କୁ ଆକ୍ରମଣ କରିବା ଅଭିଯୋଗରେ ଟାଉନ ଥାନା ପୁଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଜଣକ ହେଲେ ରିଜ୍ୱାନ୍ ଖାନ(୨୮) ବୋଲି ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ଗତ ୧୩ ତାରିଖ ସନ୍ଧ୍ୟା ସାଢ଼େ ୭ଟା ସମୟରେ ଅଭିଯୁକ୍ତ ରିଜ୍ୱାନ୍ ଅଭିଯୋଗକାରୀ ନବୀନା ବାଦିତ୍ୟଙ୍କୁ ଦୁର୍ବ୍ୟବହାର କରିବା ସହ ଆକ୍ରମଣ କରିଥିଲେ। ଆକ୍ରମଣରେ ସେ ରକ୍ତାକ୍ତ ହୋଇ ଆହତ ହୋଇଥିଲେ। ଏଥିରେ ଅଭିଯୋଗକାରୀଙ୍କ ପତ୍ନୀ ପ୍ରମିଳା ବାଦିତ୍ୟ ହସ୍ତକ୍ଷେପ କରିବା ସମୟରେ ଅଭିଯୁକ୍ତ ରିଜ୍ୱାନ୍ ତାଙ୍କୁ ମଧ୍ୟ ଆକ୍ରମଣ କରି ବିଭିନ୍ନ ଧମକ ଦେଇଥିଲେ। ଏନେଇ ଟାଉନ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରି ଅଭିଯୁକ୍ତ ରିଜ୍ୱାନଙ୍କୁ ପୁଲିସ ଗିରଫ କରିଥିଲା। ଅଭିଯୁକ୍ତ ରିଜ୍ୱାନ୍ ଖାନ ଜଣେ ଅଭ୍ୟାସଗତ ଅପରାଧୀ। ତାଙ୍କ ନାଁରେ ଏକାଧିକ ମାମଲା ରହିଥିବା ତଦନ୍ତଅଧିକାରୀ ରଞ୍ଜିତ କୁମାର ଦାଶ ସୂଚନା ଦେଇଛନ୍ତି।

## ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟରେ ଯୋଗ ପ୍ରଶିକ୍ଷଣ



**ବ୍ରହ୍ମପୁର,୧୪।୬(ସମିସ):** ବିନାୟକ ଆଚାର୍ଯ୍ୟ ସରକାରୀ ମହାବିଦ୍ୟାଳୟ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ପକ୍ଷରୁ ଯୋଗାଭ୍ୟାସ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଚଳିତ ମାସ ୨୧ ତାରିଖରେ ପାଳନ ହେବାକୁ ଥିବା ଅନ୍ତର୍ଜାତୀୟ ଯୋଗ ଦିବସ ପାଳନ ପରିପ୍ରେକ୍ଷୀରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ନୂଆଦିଲ୍ଲୀ ସ୍ଥିତ 'ଭାରତୀୟ ଯୋଗ ସଂସ୍ଥାନ'ର ଗଞ୍ଜାମ ଜିଲ୍ଲା ଶାଖା ଅଧ୍ୟକ୍ଷ ବି. ବଳରାମ ରାଓ, ପ୍ରଶିକ୍ଷକ ରମେଶ ଚନ୍ଦ୍ର ପଟ୍ଟନାୟକ, ରୋହିତ କୁମାର ସେଠୀ ଓ ପି. ଯୁବରାଜ ପାତ୍ର ପ୍ରମୁଖ ପ୍ରଶିକ୍ଷକ ରୂପେ ବିଭିନ୍ନ ପ୍ରକାର ଆସନ, ଯୋଗ ଓ ପ୍ରାଣାୟାମ ସମ୍ପର୍କରେ ମାର୍ଗଦର୍ଶନ କରିଥିଲେ। ବିଦ୍ୟାଳୟ ଅଧ୍ୟକ୍ଷ ଡ. ଦେବରାଜ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସଂଚାଳିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ଓ ଏନ୍‌ସିସି କ୍ୟାଡେଟ୍ ଉପସ୍ଥିତ ରହି ପ୍ରଶିକ୍ଷଣ ଗ୍ରହଣ କରିଥିଲେ। ମହାବିଦ୍ୟାଳୟର ଏନସିସି ଅଧିକାରୀ ଡ. ଅନୀତା ପତି ପ୍ରଶିକ୍ଷଣ କାର୍ଯ୍ୟକ୍ରମର ପରିଚାଳନା କରିଥିଲେ। କାର୍ଯ୍ୟକ୍ରମରେ ଡ. କୁଳମଣି ଓଝା, ଡ. ଆନନ୍ଦ ସେଠୀ, ଗଙ୍ଗାଧର ବେହେରା, କମଳାକାନ୍ତ ନାୟକ, ରବୀନ୍ଦ୍ର କୁମାର ପଣ୍ଡା, ଶଙ୍କର ପ୍ରସାଦ ମହାପାତ୍ର, ଅଶ୍ୱିନ କୁମାର ରାଉତ, ରତ୍ନାକର ମିଶ୍ର, ବରିଷ୍ଠ ସହାୟକ ବାଲ୍ମୀକି ସାହୁ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ବିବାଦ ଓ ଅନିଶ୍ଚିତତାରେ ଛନ୍ଦା ବ୍ରହ୍ମପୁରର 'ସୁଭଦ୍ରା ଶକ୍ତି ବଜାର'

ବ୍ରହ୍ମପୁର,୧୪।୬(ସମିସ)





ବିଜୁ ଜନତା ଦଳ ତଥା ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ପୂର୍ବ ସରକାରଙ୍କ ଏକ ଦୂରଦୃଷ୍ଟି ଥିଲା। ଯାହାକୁ ନେଇ ବିଭିନ୍ନ ଯୋଜନାର ପରିକଳ୍ପନା କରି ତାହାକୁ କାର୍ଯ୍ୟକାରୀ କରାଯାଉଥିଲା। ସରକାର ବଦଳିବା ସହିତ ବଦଳି ଯାଇଛି ସବୁକିଛି। ପୂର୍ବ ସରକାର ଅମଳର ବିଭିନ୍ନ ପ୍ରକଳ୍ପକୁ ଯଦିଓ ବର୍ତ୍ତମାନର ସରକାର କେବଳ ରଙ୍ଗ ବଦଳାଇଛନ୍ତି ହେଲେ ସେଗୁଡିକର ପ୍ରକୃତ ଉଦ୍ଦେଶ୍ୟ ସାଧିତ ହୋଇପାରୁନାହିଁ। ଏଭଳି ଘଟଣାର ଏକ ନିଚ୍ଛକ ଉଦାହରଣ ହେଉଛି ବ୍ରହ୍ମପୁର ସହରର ମଧ୍ୟଭାଗରେ ପ୍ରତିଷ୍ଠା ହୋଇଥିବା 'ସୁଭଦ୍ରା ଶକ୍ତି ବଜାର'। ଯାହା ପୂର୍ବ ସରକାର ଅମଳର ଏକ ପରିକଳ୍ପନା। ମିଶନ ଶକ୍ତି ମା'ମାନଙ୍କ ଦ୍ୱାରା ବା ସ୍ୱୟଂ ସହାୟିକା ଗୋଷ୍ଠୀ ଦ୍ୱାରା ଉତ୍ପାଦିତ ସାମଗ୍ରୀର ବିକ୍ରୀବଟା ପାଇଁ ଏକ ସ୍ୱତନ୍ତ୍ର ବଜାର ସୃଷ୍ଟି କରିବା ଥିଲା ଲକ୍ଷ୍ୟ। ଏଥିପାଇଁ ପ୍ରାୟ ସାଢେ ୩କୋଟିରୁ ୪କୋଟି ଟଙ୍କା ବ୍ୟୟରେ ସହରର ମଧ୍ୟଭାଗରେ କମ୍ପାପଲ୍ଲୀଠାରୁ ଟାଟାବେଞ୍ଚ ଛକ ମଧ୍ୟରେ ଦେଢ ଏକର ସରକାରୀ ଜମିରେ ଏହି ପ୍ରକଳ୍ପ ପ୍ରତିଷ୍ଠା କରାଯାଇଥିଲା। ବିଜେଡି ସରକାର ଯିବା ପରେ କ୍ଷମତାକୁ ଆସିଥିବା ବିଜେପି ବା ଡବଲ ଇଂଜିନ ସରକାର ପୂର୍ବ ସରକାରଙ୍କ ବିଭିନ୍ନ ଦିର୍ଘମିଆଦି ତଥା ଦୂରଦୃଷ୍ଟି ସମ୍ପନ୍ନ ପ୍ରକଳ୍ପଗୁଡିକୁ ନିଜ ନାମରେ ନାମିତ କରିବା ସହିତ ରଙ୍ଗ ବଦଳାଇ ନାମ ନେବାକୁ ଚେଷ୍ଟା କରିଥିଲେ। ହେଲେ ଏହି ପ୍ରକଳ୍ପରେ ବର୍ତ୍ତମାନର ସରକାର ସମ୍ପୂର୍ଣ୍ଣ ବିଫଳ ହୋଇଥିବା ସ୍ପଷ୍ଟ ହୋଇଛି। ପ୍ରକଳ୍ପ କାର୍ଯ୍ୟ ନସରୁଣୁ ଅର୍ଥାତ୍ ୨୦୨୬ ମସିହା ଜାନୁଆରୀ ୩୦ତାରିଖରେ ଗୋପାଳପୁର ବେଳାଭୂମି ମହୋତ୍ସବରେ ମୁଖ୍ୟଅତିଥି ଭାବେ ଯୋଗ ଦେବା ଅବସରରେ ଅନ୍ୟ ପ୍ରକଳ୍ପ ସହିତ ଏହି ପ୍ରକଳ୍ପର ମଧ୍ୟ ଶୁଭ ଉଦ୍‌ଘାଟନ କରିଥିଲେ। ତେବେ ତରବରିଆ ଭାବେ ଲୋକାର୍ପିତ ଏହି ପ୍ରକଳ୍ପ ଦିର୍ଘ ୫ମାସ ପରେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରି ନାହିଁ। କାର୍ଯ୍ୟକ୍ଷମ ହେବା ଦୁରେ ଥାଉ ପ୍ରକଳ୍ପର ବହୁ ଆନୁସଙ୍ଗିକ ଓ ଭିତ୍ତିଭୂମିର ବିକାଶ କାର୍ଯ୍ୟ ମଧ୍ୟ ସମ୍ପୂର୍ଣ୍ଣ ହୋଇପାରିନଥିବା ଜଣାପଡିଛି। ପ୍ରକଳ୍ପରେ ବର୍ତ୍ତମାନ ସୁଦ୍ଧା ଟ୍ରାନ୍ସଫର୍ମର ପ୍ରତିଷ୍ଠା ହୋଇନଥିବା ବେଳେ ଏନେଇ ପ୍ରସ୍ତାବିତ ୧୭ଲକ୍ଷ ଟଙ୍କାର ଟେଣ୍ଡର ଆସନ୍ତା ୧୭ତାରିଖରେ ଖୋଲାଯିବ ବୋଲି ବିଇଡିଏ ସୂତ୍ରରୁ ଜଣାପଡିଛି। ପୂର୍ବରୁ ପ୍ରକଳ୍ପ ପାଇଁ ବିଇଡିଏ ମିଶନ ଶକ୍ତି ଓ ଓରମାସର ମିଳିତ ସହଯୋଗରେ ପ୍ରାୟ ସାଢେ ୩କୋଟିରୁ ୪କୋଟି ବିନିଯୋଗ କରିସାରିଛି। ବର୍ତ୍ତମାନ ପୁଣି ଅଧିକ ଏକ କୋଟି ଟଙ୍କାର ଅନ୍ୟାନ୍ୟ ତଥା ଆନୁସଙ୍ଗିକ ଭିତ୍ତିଭୂମିର ବିକାଶ ଯଥା ଲ୍ୟାଣ୍ଡ ସ୍କେପିଂ, ସର୍ବସାଧାରଣଙ୍କ ଯାନବାହାନ ପାଇଁ ପାର୍କିଂ ସ୍ଥଳ, ବିଦ୍ୟୁତୀକରଣ ଓ ଆଲୋକୀକରଣ, ସୁରକ୍ଷା ବ୍ୟବସ୍ଥା ଆଦି କାର୍ଯ୍ୟ ବାକି ରହିଛି। ପଞ୍ଚାୟତିରାଜ ବିଭାଗର

- **ପ୍ରକଳ୍ପ ପୂର୍ଣ୍ଣାଙ୍ଗ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ତରବରିଆ ଭାବେ କରାଯାଇଛି ଉଦ୍‌ଘାଟନ**
- **ବକେୟା ପ୍ରାୟ ଏକ କୋଟି ଟଙ୍କା ମିଳି ନଥିବାରୁ 'ଡିଆରଡିଏ'କୁ ହସ୍ତାନ୍ତର କରୁନି 'ବିଇଡିଏ'**
- **ଲୋକାର୍ପଣର ୫ ମାସ ପରେ ବି ଟ୍ରାନ୍ସଫର୍ମର ପ୍ରତିଷ୍ଠା ସହ ବାକି ରହିଛି ଅନେକ ଉନ୍ନୟନ କାର୍ଯ୍ୟ**

ଏହି ପ୍ରକଳ୍ପ କାର୍ଯ୍ୟ ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷ ବା ବିଇଡିଏ ହାତକୁ ନେଇଥିବା ବେଳେ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇନଥିବା ଓ ବକେୟା ଅର୍ଥ ମିଳିନଥିବାରୁ ପ୍ରକଳ୍ପ ଡିଆରଡିଏକୁ ହସ୍ତାନ୍ତର କରିବାରେ ସମସ୍ୟା ଥିବା ଜଣାପଡିଛି। ସେପଟେ ଦ୍ୱିମହଲା ବିଶିଷ୍ଟ ଏହି ଅତ୍ୟାଧୁନିକ ବଜାରରେ ମିଲେଟ ଶକ୍ତି କାଫେ ସହିତ ୨୦ଟି ଦୋକାନ ଗୃହର ବ୍ୟବସ୍ଥା ଓ ଶୌଚାଳୟର ବ୍ୟବସ୍ଥା ରହିଛି। ତେବେ ପ୍ରକଳ୍ପ କାର୍ଯ୍ୟ ଶେଷ ନହେବା ଓ ଡିଆରଡିଏକୁ କୋଠା ହସ୍ତାନ୍ତରରେ ବିଳମ୍ବ ହେଉଥିବାରୁ ଉଦ୍‌ଘାଟନର ଦିର୍ଘ ୫ମାସ ପରେ ମଧ୍ୟ 'ସୁଭଦ୍ରା ଶକ୍ତି ବଜାର' ନାମରେ ନାମିତ ଏହି ପ୍ରକଳ୍ପରେ ଥିବା ୨୦ଟି ଦୋକାନ ଗୃହ ଆବଣ୍ଟନ ହୋଇପାରିନଥିବା ଜଣାପଡିଛି। ତେବେ ଖୁବ୍‌ଶୀଘ୍ର ପ୍ରକଳ୍ପ କାର୍ଯ୍ୟ ଶେଷ ସହିତ ବକେୟା ରାଶି ମିଳିବା ପରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାକୁ ବିଇଡିଏ ହସ୍ତାନ୍ତର କରିବ ଓ ଏହା କାର୍ଯ୍ୟକ୍ଷମ ହେବ ବୋଲି କହିଛନ୍ତି ବିଇଡିଏ ସଚିବ ରମେଶ ଚନ୍ଦ୍ର ହାଂସଦା। ଏବେ ଦେଖିବାକୁ ବାକି ରହିଲା ଏହି ପ୍ରକଳ୍ପ କାର୍ଯ୍ୟ କେବେ ସରୁଛି ଓ ଲୋକଙ୍କ ସେବାରେ କେବେ ଆସୁଛି।

ସକାଳ THE SAKALA



www.sakalaepaper.com

# ରେଶମ ନଗରୀରେ ଜମିଲା ପହିଲି ରଜ







ବ୍ରହ୍ମପୁର, ୧୪।୬(ସମିସ)

ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ରେଶମ ସହରରେ ପହିଲି ରଜର ବେଶ ଧୁମଧାମରେ ପାଳିତ ହୋଇଛି। ଯାହାକୁ ନେଇ ପୁରା ବ୍ରହ୍ମପୁର ଉତ୍ସବ ମୁଖର ହୋଇଛି। ସହରର ପ୍ରତ୍ୟେକ ସାହି ଓ ପାର୍କରେ ରଜର ଆସର ଦେଖିବାକୁ ମିଳିଥିଲା। କୁଆଁରୀ, ବାଳିକା ଓ ମହିଳାମାନେ ରଜପର୍ବରେ ନିଜକୁ ସାମିଲ କରି ମଜା ନେଇଥିଲେ। ରଜ ପର୍ବ ପାଳନ ଅବସରରେ କୁଆଁରୀମାନେ ଦୋଳି ଖେଳିବା ସହ ପରସ୍ପରକୁ ମିଠା ଖୁଆଇ ମଜା ନେଇଥିଲେ। ସେହିଭଳି ପାରମ୍ପରିକ ଗୀତ ତାଳେ ତାଳେ ନାଚିଥିବା ଦେଖିବାକୁ ମିଳିଛି। ଅନ୍ୟପକ୍ଷରେ ବ୍ରହ୍ମପୁର ଅଦ୍ଦପସରା ରୋଡ଼ ସ୍ଥିତ ଓଡ଼ିଶା ସର୍ଭିସ୍ ଫର ଦି ବ୍ଲାଇଣ୍ଡ ଅନୁଷ୍ଠାନରେ ଦୃଷ୍ଟିବାଧିତ ବାଳିକା ମାନେ ରବିବାର ସକାଳୁ ଉଠି ନିଜର ନିତ୍ୟକର୍ମ ସାରିବା ପରେ ନୂଆ ଡ୍ରେସ ପରିଧାନ କରି ହାତରେ ମେହେନ୍ଦି ପାଦରେ ଅଳତା ଲଗାଇ ନିଜକୁ ସଜ୍ଜିତ କରିଥିଲେ। ପରେ ଛାତ୍ରୀମାନେ କାକରା, ଆରିଷା, ପୋଡପୀଠା, ଚନ୍ଦ୍ରକାନ୍ତି ସହ ବିଭିନ୍ନ ପାରମ୍ପାରିକ ପୀଠା ଖାଇବା ସହ ମିଠା ଖାଇଥିଲେ। ଦୃଷ୍ଟିହୀନ ହୋଇଥିଲେ ହେଁ ରଜ ଖେଳିବା ନିଜେ ଦେଖିପାରୁନଥିଲେ ସୁଦ୍ଧା ଏହାକୁ ଅନୁଭବ କରିପାରୁଛୁ ବୋଲି ବାଳିକାମାନେ କହିଛନ୍ତି। ଦୀର୍ଘ ବର୍ଷ ହେବ ଅନୁଷ୍ଠାନ ପକ୍ଷରୁ ଏଭଳି ପ୍ରତିବର୍ଷ ରଜପର୍ବ ପାଳିତ ହେଉଥିବା ଅନୁଷ୍ଠାନର ମୁଖ୍ୟ ଭବାନୀ ଶଙ୍କର ପାଢ଼ୀ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ବ୍ରହ୍ମପୁର ବିଧାୟକ କେ. ଅନିଲ କୁମାର ଦୃଷ୍ଟିବାଧିତଙ୍କୁ ଦୋଳିରେ ବସି ରଜ ଗୀତ ଗାଇବା ସହ ବିଭିନ୍ନ ପାରମ୍ପାରିକ ପିଠା ଓ ମିଠା ଖୁଆଥିଲେ। କାର୍ଯ୍ୟକ୍ରମରେ ବହୁ ମହିଳା ଓ ଯୁବତୀମାନେ ସାମିଲ ହୋଇଥିଲେ।

**ଭାରତୀୟ ଜନତା ପାର୍ଟିର ରଜ ମହୋତ୍ସବ:** ପହିଲି ରଜ ପରିପ୍ରେକ୍ଷୀରେ ବ୍ରହ୍ମପୁର ବିଧାୟକଙ୍କ କାର୍ଯ୍ୟାଳୟ ନିକଟସ୍ଥ ଏକ



କଲ୍ୟାଣ ମଣ୍ଡପରେ ବିଧାୟକ କେ. ଅନିଲ କୁମାରଙ୍କ ତତ୍ତ୍ୱାବଧାନରେ ଉକ୍ତ ପର୍ବ ପାଳିତ ହୋଇଯାଇଛି। ଉତ୍ସବରେ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗର ଅଧକ୍ଷା ବବିତା ପାତ୍ର ଏବଂ ଭାରତୀୟ ଜନତା ପାର୍ଟିର ଜିଲ୍ଲା ସଭାପତି ସରୋଜ ସାବତ, ମେୟର ପ୍ରାର୍ଥୀନୀ ସବିତା ସୁଆର, ମଣ୍ଡଳ ସଭାପତି ବର୍ଷା ବିଦୁସ୍ମିତା, ମଣ୍ଡଳ ପ୍ରଭାରୀ ମନିତା ଦାଶ, ଉଷା ମହାପାତ୍ର, ବିଧାୟକ ପ୍ରତିନିଧି ପ୍ରଦୀପ ନାୟକ, ଶିବ ପ୍ରସାଦ ଦାଶ, ବଦ୍ରିନାରାୟଣ ନାୟକ, ପ୍ରଦୀପ ମିଶ୍ର, ରଞ୍ଜିତ ପଟ୍ଟନାୟକ, ସୁମତୀ ସେଠୀ, ରତ୍ନଗର୍ଭା ସରସ୍ୱତୀ ଦେବୀ, ପ୍ରେମଶିଳା ନନ୍ଦ ସମେତ ବ୍ରହ୍ମପୁର ନିର୍ବାଚନ ମଣ୍ଡଳୀ ବହୁ ମହିଳା, ବାଳିକାଙ୍କ ଉପସ୍ଥିତିରେ ରଜ ପାଳିତ ହୋଇଥିଲା। ଉତ୍ସବ, ପିଠା, ମିଠା, ଦୋଳି, ପାନ, ପଣା, ନୃତ୍ୟ, ଗୀତ, ମେହେନ୍ଦୀ, ଅଳତାର ବ୍ୟବସ୍ଥା କରାଯାଇଥିଲା।

**ଓଡ଼ିଶା ପର୍ଯ୍ୟଟନ ବିଭାଗ ପକ୍ଷରୁ ରଜ ମହୋତ୍ସବ:** ଓଡ଼ିଶା ପର୍ଯ୍ୟଟନ ବିଭାଗ ଓ ଓଡ଼ିଶା ପର୍ଯ୍ୟଟନ ଉନ୍ନୟନ ନିଗମ ପକ୍ଷରୁ 'ରଜ ଉତ୍ସବ' ପାଳନ କରାଯାଉଛି। ଚଳିତ ମାସ ୧୪ ତରିଖଠାରୁ ତିନି ଦିନ ଧରି ଗୋପାଳପୁର ସମୁଦ୍ରକୂଳରେ ଅବସ୍ଥିତ ପାନ୍ଥନିବାସ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଉତ୍ସବରେ ପାରମ୍ପରିକ ରଜ ଦୋଳି, ଆମ୍ବ ପତ୍ର, ଫୁଲ ମାଳା, ତୋରଣ ଓ ଝୋଟି ଚିତାରେ ସୁସଜ୍ଜିତ କରାଯାଇଛି। ସମୁଦ୍ରକୂଳରରେ ପର୍ଯ୍ୟଟକମାନେ ରଜ ଦୋଳି ଖେଳିବା ସହ ଲୁଡୋ, ପୁଚି ଭଳି, ଲଉଡ଼ି ପାରମ୍ପରିକ ଖେଳର ପିଲାମାନେ ଆନନ୍ଦ ଉପଭୋଗ କରୁଛନ୍ତି। ନବଜୀବନ ସେବା ଟ୍ରଷ୍ଟର ୬୦ ଜଣ ଅନାଥ କନ୍ୟାଙ୍କୁ ଏହି ଉତ୍ସବରେ ସାମିଲ କରାଯାଇଥିଲା। ସେମାନେ ରଜ ପର୍ବର ଆନନ୍ଦ ଉପଭୋଗ କରିବା ସହ ଓଡ଼ିଶାର ଏହି ଅନନ୍ୟ ପରମ୍ପରାକୁ ନିକଟରୁ ଅନୁଭବ କରିଥିଲେ। କାର୍ଯ୍ୟକ୍ରମରେ ପୋଡ଼ପିଠା, ମଣ୍ଡାପିଠା, କାକରା, ଆଡ଼ିସା ପିଠା, ରଜ ପାନ, ଚକୁଳି ସହ ବ୍ରହ୍ମପୁରର ପ୍ରସିଦ୍ଧ ପଣା ପର୍ଯ୍ୟଟକଙ୍କୁ ବଣ୍ଟନ କରାଯାଇଥିଲା।

ସନ୍ଧ୍ୟାରେ ଗୋପାଳପୁର ବେଳାଭୂମିରେ ରଜ ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଉତ୍ସବକୁ ଅଧିକ ଆକର୍ଷଣ କରିଥିଲା। କାର୍ଯ୍ୟକ୍ରମରେ ଏନ୍ଏସି ଅଧକ୍ଷ ଜାନକୀ ରାମ, କାର୍ଯ୍ୟନିର୍ବାହୀ ଅଧକ୍ଷ ମନୋଜ କୁମାର ନାହାକ, ଉପାଧକ୍ଷ ବି. ଉମା, ଗୋପାଳପୁର ପାନ୍ଥନିବାସର ମ୍ୟାନେଜର ସୟଦ୍ ତାରିକ୍ ଅଲ୍ଲୀ, ରୋଟାରୀ କ୍ଲବ୍ ଅଫ୍ ବ୍ରହ୍ମପୁର ସଭାପତି ଆକାଶ ଜାମ୍ବୁଲା, ସମ୍ପାଦକ ଏ. ଆଶିଷ ପାତ୍ର, ବିଧାୟକ ପ୍ରତିନିଧି ପଞ୍ଚୁ ବେହେରା, ପର୍ଯ୍ୟଟନ ଭାରତର ସମ୍ପାଦକ ନାରାୟଣ ମହାଙ୍କୁଡ଼ ପନ୍ଥାନିବାସ କର୍ମଚାରୀ ସଞ୍ଜିତ ପାଢ଼ୀ, ପୁରୁଷୋତମ ରାଓ ଓ ଦୀପକ ମାର୍ଥା ସହଯୋଗ କରିଥିଲେ।

---

**ଅସନ୍ତୁଳିତ ମୌସୁମୀ**

## କେଉଁଠି ବର୍ଷା ତ ଆଉ କିଛି ଶୁଖିଲା ମାଟି



ବ୍ରହ୍ମପୁର, ୧୪।୬(ସମିସ): ଗଞ୍ଜାମ ଜିଲ୍ଲାରେ ମୌସୁମୀର ଆଗମନ ନେଇ ଆଭାସ ମିଳୁଥିଲେ ମଧ୍ୟ ଆଶାନୁରୂପ ବର୍ଷା ହୋଇ ନଥିବାରୁ ଚାଷୀମାନଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ଜିଲ୍ଲାର କେତେକ ବ୍ଲକରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହୋଇଛି। ଅନେକ ଅଞ୍ଚଳରେ ଏପର୍ଯ୍ୟନ୍ତ ଆକାକଶରୁ ପାଣି ମୁନ୍ଦାଏ ପଡ଼ିନାହିଁ। ଫଳରେ ଖରିଫ ଚାଷ ପାଇଁ ପ୍ରସ୍ତୁତି ନେଇଥିବା ଚାଷୀମାନେ ଅନିଶ୍ଚିତତାରେ ପଡ଼ିଛନ୍ତି। ସାଧାରଣତଃ ରଜ ପର୍ବ ସମୟରେ ଜିଲ୍ଲାରେ ଭଲ ବର୍ଷା ହୋଇଥାଏ ଏବଂ ଏହାକୁ ଆଧାର କରି ଚାଷୀମାନେ ଧାନ ବୁଣା ଓ ତଳି ପ୍ରସ୍ତୁତି କାର୍ଯ୍ୟ ଆରମ୍ଭ କରିଥାନ୍ତି। ଚଳିତ ବର୍ଷ ମଧ୍ୟ ମୌସୁମୀର ଆଗମନ ଯୋଗୁଁ ରଜ ବେଳକୁ ବ୍ୟାପକ ବର୍ଷା ହେବ ବୋଲି ଆଶା କରାଯାଉଥିଲା। କିନ୍ତୁ ପୂର୍ବାନୁମାନ ସତ୍ତ୍ୱେ ବର୍ଷାର ପରିମାଣ ନିରାଶାଜନକ ରହିଛି। ଦିନସାରା ଆକାଶରେ କଳା ମେଘ ରହୁଛି, ପବନ ମଧ୍ୟ ବହୁଛି, ହେଲେ ବର୍ଷା ହେଉନାହିଁ। କେତେକ ସ୍ଥାନରେ କେବଳ ଛିଟିକା ବର୍ଷାରେ ମୌସୁମୀ ସୀମିତ ରହିଯାଇଛି। ଚାଷ ଜମି ପ୍ରସ୍ତୁତ ଥିଲେ ମଧ୍ୟ ମାଟିରେ ପର୍ଯ୍ୟାପ୍ତ ଆର୍ଦ୍ରତା ନଥିବାରୁ ବିହନ ବୁଣା କାମ ଆଗକୁ ବଢ଼ିପାରୁନାହିଁ। ଯଦି ଆସନ୍ତା କିଛି ଦିନ ମଧ୍ୟରେ ଭଲ ବର୍ଷା ନହୁଏ, ତେବେ ଖରିଫ ଚାଷ ପ୍ରଭାବିତ ହେବା ସହ ଉତ୍ପାଦନ ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିପାରେ ବୋଲି ଚାଷୀମାନେ ଆଶଙ୍କା କରୁଛନ୍ତି। ଅନ୍ୟପକ୍ଷରେ ପାଣିପାଗ ବିଭାଗ ପକ୍ଷରୁ ଆସନ୍ତା କିଛି ଦିନ ମଧ୍ୟରେ ବର୍ଷାର ପରିମାଣ ବଢ଼ିପାରେ ବୋଲି ସୂଚନା ମିଳୁଥିବା ବେଳେ ଚାଷୀମାନଙ୍କ ନଜର ଏବେ ଆକାଶ ଉପରେ ରହିଛି। ବର୍ଷାକୁ ନେଇ ଅନିଶ୍ଚିତତା ଜାରି ରହିଥିବାରୁ ଗଞ୍ଜାମର କୃଷିନିର୍ଭର ଅର୍ଥନୀତି ଉପରେ ମଧ୍ୟ ଏହାର ପ୍ରଭାବ ପଡ଼ିବା ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ଏପରି ସ୍ଥିତିରେ ଚାଷୀମାନେ ଶୀଘ୍ର ଭଲ ବର୍ଷା ପାଇଁ ଅପେକ୍ଷା କରି ରହିଛନ୍ତି। ଅପରପକ୍ଷେ ରବିବାର ପୋଲସରା ବ୍ଲକରେ ୨.୬ମିମି ବର୍ଷା ହୋଇଥିବା ବେଳେ ହିଞ୍ଜିଳିରେ ୬ମିଲିମିଟର ବର୍ଷା ହୋଇଥିବା ଜଣାପଡ଼ିଛି। ସେହିଭଳି ପାତ୍ରପୁର ବ୍ଲକରେ ୪ମିମି, ଆସିକା ବ୍ଲକରେ ୩୧.୮ମିମି, ଧରାକୋଟରେ ୩୬ମିମି, ଶେରଗଡ଼ରେ ୩ମିମି ଓ ସୋରଡ଼ା ବ୍ଲକରେ ୨୪ମିମି ବର୍ଷା ହୋଇଥିବା ସୂଚନା ମିଳିଛି। ଅନ୍ୟ ବ୍ଲକ ଗୁଡ଼ିକରେ ସ୍ୱଳ୍ପ ସମୟ ପାଇଁ ଝିପି ଝିପି ବର୍ଷା ହୋଇଥିବା ଜଣାପଡ଼ିଛି।

---

**● ୨୨ତମ ରାଜ୍ୟସ୍ତରୀୟ ସବ୍ ଜୁନିଅର୍ ହ୍ୟାଣ୍ଡବଲ**

## ଚାମ୍ପିଅନ ଗଞ୍ଜାମ ଦଳକୁ ସମ୍ବର୍ଦ୍ଧିତ କଲେ ବିଧାୟକ





ବ୍ରହ୍ମପୁର, ୧୪।୬(ସମିସ): କେନ୍ଦୁଝରେ ହ୍ୟାଣ୍ଡବଲ ଷ୍ଟାଡିୟମରେ ଆୟୋଜିତ ୨୨ତମ ଅଲଓଡ଼ିଶା ସବ ଜୁନିଅର ବାଳିକା ଓ ବାଳକ ହ୍ୟାଣ୍ଡବଲ ପ୍ରତିଯୋଗିତାରେ ଗଂଜାମର ବାଳକ ଦଳ ଫାଇନାଲରେ ଆୟୋଜକ କେନ୍ଦୁଝରକୁ ଏକତରଫା ୧୭/୭ ଗୋଲରେ ପରାସ୍ତ କରି ଚାମ୍ପିଅନ ହୋଇଛି। ସେହିଭଳି ଗଞ୍ଜାମ ବାଳିକା ଦଳ ସେମିଫାଇନାଲରେ ଯାଜପୁର ସହିତ ଏକ ସଂଘର୍ଷପୂର୍ଣ୍ଣ ମ୍ୟାଚରେ ୮/୭ ଗୋଲ ବ୍ୟବଧାନରେ ପରାସ୍ତ ହୋଇ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ଗ୍ରହଣ କରିଛି। ଉଭୟ ଦଳ ଆଜି ବ୍ରହ୍ମପୁରରେ ପହଞ୍ଚିବା ପରେ ସ୍ଥାନୀୟ ବିଧାୟକ କେ ଅନିଲ କୁମାର ଉଭୟ ବାଳକ ଓ ବାଳିକା ଦଳର ସଦସ୍ୟ ଓ ଅଫିସିଆଲଙ୍କୁ ନିଜ କାର୍ଯ୍ୟାଳୟରେ ସମ୍ବର୍ଦ୍ଧିତ କରିଛନ୍ତି। ଏହି ଅବସରରେ ବିଧାୟକ ଉଭୟ ଦଳର ସଦସ୍ୟଙ୍କୁ ଉପହାର ସ୍ୱରୂପ ମେଡାଲ ପ୍ରଦାନ କରିଥିଲେ। ଏ ଅବସରରେ ଜିଲ୍ଲାର ମୁଖ୍ୟ ପ୍ରଶିକ୍ଷକ ତଥା ଏନ ଆଇ ଏସ କୋଚ ପ୍ରଶାନ୍ତ କୁମାର ରଥ, ଜିଲ୍ଲା ସଂଘର ସମ୍ପାଦକ ସୁରେଶଚନ୍ଦ୍ର ପାଢ଼ୀ, ବରିଷ୍ଠ ଖେଳାଳି ସନ୍ଦୀପ କୁମାର ପାତ୍ର ଓ ଏ. ତେଜସ୍ୱୀ ପ୍ରମୁଖ ଉପସ୍ଥିତ ଥିଲେ। ଜିଲ୍ଲା ହ୍ୟାଣ୍ଡବଲ ଦଳର ସମସ୍ତ ଖେଳାଳି ବିଭିନ୍ନ ବର୍ଗରେ ଉନ୍ନତ ଖେଳ ପ୍ରଦର୍ଶନ କରି ନିୟମିତ ସଫଳତା ହାସଲ କରି ଆସୁଥିବାରୁ ବିଧାୟକ କେ. ଅନିଲ କୁମାର ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ନିୟମିତ ନିଷ୍ଠାର ସହିତ କଠିନ ପରିଶ୍ରମ କରି ଆଗାମୀ ଦିନରେ ଅଧିକ ସଫଳତା ହାସଲ କରିବାକୁ ପରାମର୍ଶ ଦେବା ସହିତ ନିଜ ନିଜ ପାଠ ପଢ଼ା ଉପରେ ମଧ୍ୟ ଅନୁରୂପ ଧ୍ୟାନ ଦେଇ ଭବିଷ୍ୟତ ଗଠନ ଉପରେ ଗୁରୁତ୍ୱ ଦେବାକୁ ଆହ୍ୱାନ ଦେଇଥିଲେ। ଖେଳର ଉତ୍ତୋରତ୍ତର ଉନ୍ନତି ପାଇଁ ଆବଶ୍ୟକ ଭିତ୍ତିଭୂମି ପ୍ରତିଷ୍ଠା ପାଇଁ ତାଙ୍କର ଉଦ୍ୟମ ଜାରି ରହିବ ବୋଲି କହିଥିଲେ।

---

**● ବିଶ୍ୱ ରକ୍ତଦାତା ଦିବସ**

## ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ୬୫ ୟୁନିଟ୍ ରକ୍ତ ସଂଗ୍ରହ



ବାଲିଗୁଡ଼ା, ୧୪।୬(ସମିସ): ଜୁନ୍ ୧୪ ତାରିଖ, ବିଶ୍ୱ ରକ୍ତଦାତା ଦିବସ ଅବସରରେ କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବାଲିଗୁଡ଼ାର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ବିପଦର ବନ୍ଧୁ'ର ସମସ୍ତ ସଦସ୍ୟସଦସ୍ୟା ପୂର୍ଣ୍ଣ ସହଯୋଗ କରିଥିଲେ। ସ୍ଥାନୀୟ ବିଏସ୍ଏଫ ଯବାନ, ଉପଖଣ୍ଡ ଚିକିତ୍ସାଳୟରେ କାର୍ଯ୍ୟରତ ଡାକ୍ତର, କର୍ମଚାରୀଙ୍କ ସମେତ ଅଞ୍ଚଳର ବହୁ ଯୁବକ ଯୁବତୀ ଏଥିରେ ସାମିଲ ହୋଇଥିଲେ। ଏହି ଶିବିରରେ ସମୁଦାୟ ୬୫ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। ସଂଗଠନର ସଦସ୍ୟ, ସଦସ୍ୟାମାନଙ୍କୁ ଉତ୍ସାହିତ କରିବା ପାଇଁ ଉପଖଣ୍ଡ ଚିକିତ୍ସାଳୟ ପକ୍ଷରୁ ସମ୍ମାନିତ କରିବା ସହ ମାନପତ୍ର ଦିଆଯାଇଛି। ରକ୍ତଦାନ ଓ ରୋଗୀସେବା କ୍ଷେତ୍ରରେ ଏହି ସହଯୋଗ ଆଗାମୀ ଦିନରେ ମଧ୍ୟ ଜାରି ରହିବ ବୋଲି କହିଛନ୍ତି ବିପଦର ବନ୍ଧୁ ସଂଗଠନର ସଦସ୍ୟ ସୁନୀଲ ପାତ୍ର ଓ ସଦସ୍ୟା ତେଜସ୍ୱିନୀ ନାୟକ। ଉପଖଣ୍ଡ ଚିକିତ୍ସାଳୟର ଡାକ୍ତର ଏସ୍. ରାମ ପାତ୍ର ଧନ୍ୟବାଦ ଦେଇଥିଲେ।

## ନବଜାତ ଶିଶୁପୁତ୍ର ଉଦ୍ଧାର

କୋରାପୁଟ/କାକିରିଗୁମା, ୧୪।୬(ସମିସ): ରବିବାର ସକାଳେ କାକିରିଗୁମା ପୁଲିସ ପକ୍ଷରୁ ସନ୍ତୋଷୀ କଲୋନୀର ଏକ କଦଳୀ ଗଛ ମୂଳରୁ ଜଣେ ନବଜାତକ ଶିଶୁପୁତ୍ର ଉଦ୍ଧାର କରାଯାଇଛି। ନବଜାତକର କ୍ରନ୍ଦନ ଶୁଣି କଲୋନୀ ବାସିନ୍ଦା ପୁଲିସକୁ ଖବର ଦେଇଥିଲେ। ନବଜାତ ଶିଶୁକୁ ଉଦ୍ଧାର କରି ପୁଲିସ ପ୍ରଥମିକ ଚିକିତ୍ସା ପାଇଁ କାକିରିଗୁମା ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ଶିଶୁକୁ କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ପୁଲିସ ପକ୍ଷରୁ ଶିଶୁଟିକୁ ଚାଇଲ୍ଡ ଲାଇନ୍କୁ ହସ୍ତାନ୍ତର କରା ଯାଇଥିବା ଥାନା ଅଧିକାରୀ ସୁଲଚନା ପ୍ରଧାନ ପ୍ରକାଶ କରିଛନ୍ତି।

## ବଚସାରୁ କାତିରେ ଆକ୍ରମଣ

ବ୍ରହ୍ମପୁର, ୧୪।୬(ସମିସ): ସାମାନ୍ୟ ବଚସାକୁ କେନ୍ଦ୍ର କରି ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଲାଞ୍ଜିପଲ୍ଲୀ ନିକଟ ବ୍ରହ୍ମାପଲ୍ଲୀରେ ଜଣେ ବ୍ୟକ୍ତିଙ୍କୁ କାତିରେ ଆକ୍ରମଣ ହୋଇଛି। ଆକ୍ରମଣର ଶିକାର ହୋଇଥିବା ବ୍ୟକ୍ତି ହେଲେ ନିରଞ୍ଜନ ସେଠୀ। ତାଙ୍କୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଛି। ସୂଚନାପ୍ରକାରେ, ବ୍ରହ୍ମାପଲ୍ଲୀଠାରେ ଏକ ଭଡା ଘରେ ନିରଞ୍ଜନ ରହୁଛନ୍ତି। ନିକଟରେ ଥିବା ଅନ୍ୟ ଏକ ଭଡା ଘରେ ବାବୁ ବେହେରା ନାମକ ଜଣେ ଯୁବକ ରହୁଛନ୍ତି। ଆଜି ସନ୍ଧ୍ୟାରେ କୌଣସି କଥାକୁ ନେଇ ନିରଞ୍ଜନ ଓ ତାଙ୍କ ପଡୋଶୀ ବାବୁ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତକ୍ଷିପ୍ତ ହୋଇ ବାବୁ ଏକ କାତି ଦ୍ୱାରା ନିରଞ୍ଜନଙ୍କୁ ଆକ୍ରମଣ କରିଥିଲେ। ଘଟଣାକୁ ନେଇ ଏଯାଏଁ ଥାନାରେ ଅଭିଯୋଗ ହୋଇନାହିଁ।

## ଆଦିବାସୀ ସାଂସ୍କୃତିକ ଭବନରେ ବ୍ଲକ୍ସ୍ତରୀୟ ଲୋକକଳା ଦିବସ



ଦାରିଙ୍ଗବାଡ଼ି, ୧୪।୬(ସମିସ): ଦାରିଙ୍ଗବାଡ଼ି ବ୍ଲକ ଆଦିବାସୀ ସାଂସ୍କୃତିକ ଭବନରେ ତୃତୀୟ ବାର୍ଷିକ ବ୍ଲକସ୍ତରୀୟ ଲୋକକଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ସ୍ଥାନୀୟ ଲୋକକଳା ସାଂସ୍କୃତିକ ପରିଷଦର ସଦସ୍ୟ ଓ ସଦସ୍ୟାମାନେ ପାରମ୍ପରିକ ପୋଷାକ ପରିଧାନ କରିବା ସହ ବିଭିନ୍ନ ବାଦ୍ୟଯନ୍ତ୍ର ସହ ଆଦିବାସୀ ସାଂସ୍କୃତିକ ଭବନଠାରେ ଏକତ୍ରିତ ହୋଇଥିଲେ। ସେଠାରୁ ଏକ ଭବ୍ୟ ଶୋଭାଯାତ୍ରା ବାହାରି ସ୍ଥାନୀୟ ବଜାର ପରିକ୍ରମା କରିବା ପରେ ପୁନର୍ବାର ସାଂସ୍କୃତିକ ଭବନ ପରିସରକୁ ଫେରିଥିଲା। ଏହାପରେ ସାଂସ୍କୃତିକ ଭବନ ପ୍ରାଙ୍ଗଣରେ ଏକ ସାଧାରଣ ସଭାର ଆୟୋଜନ କରାଯାଇଥିଲା। ପରିଷଦର ସଭାପତି ମହେଶ୍ୱର ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ବ୍ଲକ ସମିତି ଅଧ୍ୟକ୍ଷ ସୁଶାନ୍ତ କୁମାର ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସରପଞ୍ଚ ଚନ୍ଦ୍ରିକା ମଲିକ ମୁଖ୍ୟବକ୍ତା ଏବଂ ସମ୍ମାନିତ ଅତିଥି ଭାବେ ସନ୍ତୋଷ ସାହୁ, ପତିତପାବନ ରାଉତ, ଭଗବାନ ସାହୁ ଏବଂ ମଣ୍ଟୁ ସାହୁ କଳାକାରଙ୍କୁ ଉତ୍ସାହିତ କରିଥିଲେ। ବରିଷ୍ଠ କଳାକାର ତଥା ପରିଷଦର ଉପସଭାପତି ଶାରଦା ବଳିୟାରସିଂ ବାର୍ଷିକ ବିବରଣୀ ପାଠ କରିଥିଲେ। କଳାକାର ପାଣ୍ଡବ ନାୟକ, କାନୁ ନାୟକ, ବିପିନ ନାୟକ, ଉଦେଶ୍ୱର ପ୍ରଧାନ ଏବଂ ଭଗବାନ ତ୍ରିପାଠୀ ସହଯୋଗ କରିଥିଲେ।

## ଶ୍ରାଦ୍ଧ ସମର୍ପଣ କଳାକ୍ଷେତ୍ର ପକ୍ଷରୁ ଚିତ୍ର କର୍ମଶାଳା



ବ୍ରହ୍ମପୁର, ୧୪।୬(ସମିସ): ଶ୍ରାଦ୍ଧ ସମର୍ପଣ କଳା କ୍ଷେତ୍ର ପକ୍ଷରୁ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଖେଳ ପଡ଼ିଆରେ ଚିତ୍ର କର୍ମଶାଳାର ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ବିଭିନ୍ନ ବିଦ୍ୟାଳୟରୁ ବହୁ ବିଦ୍ୟାର୍ଥୀ ଚିତ୍ର ଶିବିର ତଥା କର୍ମଶାଳାରେ ଚିତ୍ର ଆଙ୍କିଥିଲେ। ବିଶିଷ୍ଟ କଳାକାର ଗୁରୁ ଉମା ଶଙ୍କର ଆଚାରୀ ଓ ପୃଥିବୀରାଜ ମହାପାତ୍ର ବିଦ୍ୟାର୍ଥୀଙ୍କ ଚିତ୍ର ଆଙ୍କିବା କୌଶଳ ସମ୍ପର୍କରେ ଆଲୋଚନା କରିଥିଲେ। କଳାକାର ଜୟରାମ ମହାରଣା, ଗୋପୀନାଥ ବେହେରା, କେଦାରନାଥ ମହାପାତ୍ର, ବାବୁ ମହାରଣା, ସୁରେଶ ମହାରଣା, ବାଲୁକା ଶିଳ୍ପୀ ସତ୍ୟନାରାୟଣ ମହାରଣା, ସୂରଜ ପାଳ, ରାଜକୁମାର ପାତ୍ର, ପି. ହେମସୁନ୍ଦର, ପଙ୍କଜ ନାୟକ ଓ କେ. ଆକାଶ କୁମାର ସମେତ ବହୁ କଳାକାର ଉପସ୍ଥିତ ଥିଲେ।

## ଘରକୁ ଧକ୍କା ଦେଲା ବାଲିବୋଝେଇ ଟିପ୍ପର; ୪ ଆହତ

କୋଷାଗୁମୁଡ଼ା, ୧୪।୬(ସମିସ): କୋଷାଗୁମୁଡାରୁ ନବରଙ୍ଗପୁର ଅଭିମୁଖେ ଦ୍ରୁତ ଗତିରେ ଆସୁଥିବା ଏକ ବାଲି ବୋଝେଇ ଟିପ୍ପର କୋଡୀଙ୍ଗା ଥାନା ପୂଜାରୀଗୁଡା ସ୍ଥିତ ବୁଲାଣି ନିକଟରେ ହଠାତ୍ ଭାରସାମ୍ୟ ହରାଇ ରାସ୍ତାକଡ଼ରେ ଥିବା ସୁନାଧର ଧୁରୁଆଙ୍କ ଘରକୁ ଧକ୍କା ଦେଇ ଓଲଟି ପଡିଛି। ଦୁର୍ଘଟଣାରେ ଘରର କାନ୍ଥ ଭାଙ୍ଗିଯିବା ସହ ପରିବାର ଲୋକେ ଶୋଇଥିବା କୋଠରୀ, ବାଇକ୍ ଓ ଦୋକାନ ସାମଗ୍ରୀ ଗୁଡ଼ିକ ଚାପି ହୋଇଯାଇଛି। ଟିପ୍ପରର ଡ୍ରାଇଭର ଓ ହେଲପର ମଧ୍ୟ ଗାଡ଼ିରେ ଚାପି ହୋଇଯାଇଥିଲେ। ପ୍ରଚଣ୍ଡ ଶବ୍ଦ ଶୁଣି ଗ୍ରାମବାସୀ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। ତୁରନ୍ତ ଅଗ୍ନିଶମ ବାହିନୀକୁ ଖବର ଦିଆଯାଇଥିଲା। ଅଗ୍ନିଶମ ବାହିନୀର ଟିମ୍ ପହଞ୍ଚି ଦୀର୍ଘ ସମୟର ଅପରେସନ୍ ପରେ ପରିବାର ଲୋକଙ୍କ ସହ ଡ୍ରାଇଭର ଏବଂ ହେଲପରଙ୍କୁ ଉଦ୍ଧାର କରିଥିଲେ। ଦୁର୍ଘଟଣାରେ ସୁନାଧର ଧୁରୁଆଙ୍କ ଛାତି ଓ ଅଣ୍ଟାରେ ଗୁରୁତର ଆଘାତ ଲାଗିଥିବା ବେଳେ ତାଙ୍କ ବୋହୂ ମଧ୍ୟ ଆହତ ହୋଇଛନ୍ତି। ଟିପ୍ପରର ହେଲପରଙ୍କ ଗୋଡ଼ ଭାଙ୍ଗିଯାଇଥିବା ବେଳେ ଡ୍ରାଇଭରଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଛି। ସମସ୍ତ ଆହତଙ୍କୁ ଉଦ୍ଧାର କରି ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇ ଚିକିତ୍ସା ଚାଲିଛି। ଅନ୍ୟପଟେ ଖବର ପାଇଁ ଘଟଣାସ୍ଥଳରେ କୋଡିଙ୍ଗା ପୁଲିସ ଓ ପାପଡାହାଣ୍ଡି ଏସ୍ଡିପିଓ ପହଞ୍ଚି ଦୁର୍ଘଟଣାଗ୍ରସ୍ତ ଟିପ୍ପରକୁ ଜବତ କରିଛନ୍ତି। କେଉଁ ପରିସ୍ଥିତିରେ ଟିପ୍ପରଟି ଭାରସାମ୍ୟ ହରାଇଲା ଓ ଏହି ଦୁର୍ଘଟଣା ପଛରେ ଅବହେଳା ନା ଅନ୍ୟ କୌଣସି କାରଣ ରହିଛି, ସେନେଇ ପୁଲିସ ତଦନ୍ତ ଆରମ୍ଭ କରିଛି।

# ଜମିଲା ପହିଲି ରଜ; ମହକିଲା ଗାଁ ଦାଣ୍ଡ

## ବରିଷ୍ଠ ନାଗରିକ ପାଳିଲେ ରଜ ମହୋତ୍ସବ



**ଛତ୍ରପୁର, ୧୪।୬(ସମିସ):** ରଜ ମାନେ ଆନନ୍ଦ, ଉଲ୍ଲାସ ଓ ଓଡ଼ିଆ ପରମ୍ପରାର ମହକ। ଗଞ୍ଜାମ ଜିଲ୍ଲା ଛତ୍ରପୁରରେ ବରିଷ୍ଠ ନାଗରିକମାନେ ମଧ୍ୟ ଉତ୍ସାହର ସହ ପାଳନ କରିଛନ୍ତି ରଜ ମହୋତ୍ସବ। ବୟସର ଅପରାହ୍ନରେ ମଧ୍ୟ ମନର ଯୌବନକୁ ସାଥୀ କରି ଗୀତ, ନାଚ, ଝୁଲା ଓ ପିଠାପଣାରେ ମସଗୁଲ ହୋଇଥିଲେ ସେମାନେ। ଛତ୍ରପୁରର ରାଧେଶ୍ୟାମ ଫାଉଣ୍ଡେସନ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟ ଆନୁକୂଲ୍ୟରେ ଛତ୍ରପୁରସ୍ଥିତ ଓଡିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ରାଧେଶ୍ୟାମ ଫାଉଣ୍ଡେସନ ଆଣ୍ଡ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦେବାଶିଷ ମିଶ୍ରଙ୍କ ଅଧ୍ୟକ୍ଷତାରେ ଏହି କାର୍ଯ୍ୟକ୍ରମ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ମୁଖ୍ୟଅତିଥି ଭାବେ ଆମ ସଂସ୍କୃତି, ପରମ୍ପରା ଓ ଗୁରୁଜନଙ୍କ ପ୍ରତି ସମ୍ମାନର ଏହି ସୁନ୍ଦର ମିଳନ ଉତ୍ସବ ସମାଜରେ ଆତ୍ମୀୟତା ଓ ସାମାଜିକ ସଦ୍ଭାବନାକୁ ଆହୁରି ସୁଦୃଢ଼ କରିବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଛତ୍ରପୁର ଥାନାଧିକାରୀ ସବ୍ୟସାଚୀ ମଲ୍ଲ, ଓଡିଶା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଛତ୍ରପୁର ଶାଖାର ସଭାପତି ସୁରେନ୍ଦ୍ରନାଥ ପାଢ଼ୀ, ସମ୍ପାଦକ ସୋମନାଥ ସାହୁ, ଉପସଭାପତି ତଥା ସୃଜନ ସାହିତ୍ୟ ସଂସଦ ସଭାପତି ପ୍ରଶାନ୍ତ କୁମାର ଶତପଥୀ, ଶିକ୍ଷାବିତ ରିତା ରଥ, ଓଡିଶା ସାମ୍ବାଦିକ ସଙ୍ଘର ଗଞ୍ଜାମ ଜିଲ୍ଲା ଉପସଭାପତି ପ୍ରଶାନ୍ତ କୁମାର ମହାରଣା ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହାସହିତ ବରିଷ୍ଠ ନାଗରିକଙ୍କୁ ପୋଡ଼ ପିଠା ବଣ୍ଟନ କରିଥିଲେ। ଏହି ଅବସରରେ ରଜ ଉତ୍ସବକୁ ନେଇ କବିତା ଆସର ମଧ୍ୟ ଜମିଥିଲା। ସୃଜନ ସାହିତ୍ୟ ସଂସଦର ସଭାପତି ପ୍ରଶାନ୍ତ ଶତପଥୀ ସ୍ୱାଗତ ଭାଷଣ, ସାମ୍ବାଦିକ ପ୍ରଶାନ୍ତ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ଟ୍ରଷ୍ଟର ମୁଖ୍ୟ ଦେବାଶିଷ ମିଶ୍ର, ଉପସଭାପତି ଅଟଳ ବିହାରୀ ପଟ୍ଟନାୟକ, ଛତ୍ରପୁର ପ୍ରେସ କ୍ଲବ ସଭାପତି ସରୋଜ କୁମାର ସାମଲ, ସନ୍ତୋଷ କୁମାର ସାହୁ, ସୁଜୟ ଧଳ, ଭଗବାନ ଦାଶ, ଜିତେନ୍ଦ୍ର ନାୟକ ସହଯୋଗ କରିଥିଲେ।

## ମା' ସିଂହାସନୀଙ୍କ ଶକ୍ତିପୀଠରେ ୩୦ ହଜାର ଶ୍ରଦ୍ଧାଳୁ

**ପୋଲସରା:** ଗଞ୍ଜାମ ଜିଲ୍ଲାର ଅନ୍ୟତମ ଶକ୍ତିପୀଠ ତଥା ପୋଲସରା ଅଞ୍ଚଳର ଅଧିଷ୍ଠାତ୍ରୀ ଦେବୀ ମା'ସିଂହାସନୀଙ୍କ ରଜପର୍ବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବର ପ୍ରଥମ ଦିନରେ ମା'ଙ୍କ ଦୁର୍ଲଭ ଦର୍ଶନ କରିବା ପାଇଁ ପାଖାପାଖି ୩୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରାୟ ୬୦୦ ବର୍ଷରୁ ଅଧିକ ସମୟ ଧରି



ମା'ଙ୍କ ଏହି ପରମ୍ପରା ରୀତିନୀତିରେ ଚାଲିଛି। ବିଭିନ୍ନ ଜିଲ୍ଲାରୁ ଓ ରାଜ୍ୟରୁ ଆସି ମାନସିକଧାରୀମାନେ ପୀଠରେ ମା'ଙ୍କ ଦର୍ଶନ କରିବା ସହ ମୁଣ୍ଡନ କରି ଭୋଗରାଗ ଲଗାଇଥାନ୍ତି। ମନ୍ଦିର କମିଟି ସଭାପତି ତଥା ପୋଲସରା ବିଧାୟକ ଗୋକୁଳାନନ୍ଦ ମଲିକଙ୍କ ନିର୍ଦ୍ଦେଶକ୍ରମେ ତଦାରଖ କମିଟିର ସଦସ୍ୟମାନେ ଦାୟିତ୍ୱ ତୁଲାଇଥିଲେ। କମିଟି କର୍ମକର୍ତ୍ତାଙ୍କ ସମେତ ଚିରିକିପଡା ଶାସନ, ଭାବରଡା, ଗୋଛାବାଡି ଓ ପାଣ୍ଡିରିପଡା ପଞ୍ଚାୟତର ଲୋକଙ୍କ ସହଯୋଗରେ ପ୍ରଥମ ରଜପର୍ବ ଶାନ୍ତିପୂର୍ଣ୍ଣ ଭାବରେ ସମାପନ ହୋଇଥିଲା। ଉପସଭାପତି ଦୀପକ ପ୍ରଧାନ ଓ ପ୍ରଭାକର ପଣ୍ଡା, ସମ୍ପାଦକ ରଘୁନାଥ ପ୍ରଧାନ, ମନ୍ଦିର ଟ୍ରଷ୍ଟି ରଘୁନାଥ ସାହୁ, ସ୍ଥାନୀୟ ସରପଞ୍ଚ ରଘୁନାଥ ଭୂୟାଁ, ସରପଞ୍ଚ ପ୍ରତିନିଧି ମନୁ ଗୌଡ଼ ମନ୍ଦିର ପରିଚାଳନା କମିଟିର ସଦସ୍ୟ ପୀତବାସ ପ୍ରଧାନ, କୈଳାସ ମହାରଣା, ରବିନ୍ଦ୍ରନାଥ ନାୟକ, କୃଷ୍ଣଚନ୍ଦ୍ର ଜେନା, ଶଙ୍କର୍ଷଣ ଗୌଡ ସମେତ ବହୁ ଜନପ୍ରତିନିଧି ସହଯୋଗ କରିଥିଲେ। ପୋଲସରା ପୁଲିସ ଓ ପ୍ରଶାସନିକ ଅଧିକାରୀ ଆଇନଶୃଙ୍ଖଳା ନିୟନ୍ତ୍ରଣ କରିଥିଲେ।

**ରମ୍ଭା:** ପାନ୍ଥ ନିବାସରେ ରଜ ଦୋଳି ରଜ ପର୍ବକୁ ନେଇ ରମ୍ଭା ଆଇଆଇସି କୁମାର ମୁଦୁଲି ଶୁଭାରମ୍ଭ କରିଛନ୍ତି। ପାରମ୍ପରିକ ଓଡିଆ ମିଠା, ପିଠା ମଧ୍ୟରୁ ଛେନାପୋଡ଼, କ୍ଷୀର ଖଜା, କାକରା, ପୋଡ଼ପିଠା, ଚକୁଳି ପିଠା ସହିତ ଓଡ଼ିଆର ଅନେକ ପୀଠାପଣା ଷ୍ଟଲ ଖୋଲାଯାଇ ଗ୍ରାହକଙ୍କୁ ପସରାର ଏକ ଦୃଷ୍ଟି ନିକ୍ଷେପ କରାଯାଇଥାଏ। ପାର୍ଶ୍ୱରେ



ପ୍ରସ୍ତୁତ ଜିନିଷର ଏକ ଦର ତାଲିକା ଟଙ୍ଗା ଯାଇଥାଏ। ମିଠାପାନ ସାଙ୍ଗକୁ ମହିଳାଙ୍କ ନିମନ୍ତେ ମେହେନ୍ଦି ରଜ ଦୋଳିର ଉତ୍ସବ ଉଦିପନା ସହ ମଜ୍ଜା ଉଠାଉଛନ୍ତି। ଗାଁ ଗଣ୍ଡାରେ ମହିଳାମାନେ ବାଡ଼ି ଓ ଘର ମଧ୍ୟରେ ରଜ ଦୋଳି କରି ମଜା ଉଠାଇବା ସହ ପରସ୍ପର ପରସ୍ପରକୁ ମିଠା ପିଠା ବଣ୍ଟନ କରୁଥିବା ଲକ୍ଷ୍ୟ କରାଯାଇଛି। ଯେପରି ଝିଅ ଙ୍କର ରଜ ଦୋଳି ଓ ପୁଚି ଖେଳ ହୋଇଥାଏ ଅନୁରୂପ ଭାବେ ପୁଅଙ୍କର ଲୁଡୁ, ତାସ, ବାଗୁଡ଼ି ଆଦି ଖେଳି ଏହି ଦିବସଟିକୁ ପାଳନ କରାଯାଇଥାଏ। କାର୍ଯ୍ୟକ୍ରମକୁ ଓଟିଡିସିର ପରିଚାଳକ ସୋମ ପଣ୍ଡା ଓ କର୍ମରତ କର୍ମଚାରୀ ସହଯୋଗ କରିଛନ୍ତି।

**କୁକୁଡ଼ାଖଣ୍ଡି:** କୁକୁଡ଼ାଖଣ୍ଡି ବ୍ଲକ ଅନ୍ତର୍ଗତ ଲାଞ୍ଜିଆ ପଞ୍ଚାୟତର ବାଳକୃଷ୍ଣପୁର ଗ୍ରାମରେ ରଜ ମହୋତ୍ସବ ପାଳିତ ହୋଇଯାଇଛି। ଗ୍ରାମର କୁନି କୁନି ଝିଅମାନଙ୍କ ହସଖୁସି, ରଜଦୋଳି ଓ ପାରମ୍ପରିକ ରୀତିନୀତିରେ ସମଗ୍ର ଗ୍ରାମ ପରିବେଶ ଉତ୍ସବମୁଖର ହୋଇଉଠିଥିଲା। ଲାଞ୍ଜିଆ ସମିତି ସଭ୍ୟ କାହ୍ନୁଚରଣ ପାତ୍ରଙ୍କ ତତ୍ତ୍ୱାବଧାନରେ ଏହି ରଜ ମହୋତ୍ସବର ଆୟୋଜନ କରାଯାଇଥିଲା। ପହିଲି ରଜ ଅବସରରେ ଗ୍ରାମର ଦୁଇ କୁନି ଝିଅ ଜାଗୃତି ଗୌଡ଼ ଓ ଶୁଭଶ୍ରୀ ମହାନ୍ତିଙ୍କ କରକମଳରେ ଦୁଇଟି ରଜଦୋଳିର ଶୁଭାରମ୍ଭ ହୋଇଥିଲା। ଏହାସହ ଝିଅମାନଙ୍କ ଦ୍ୱାରା କେକ୍ କାଟି ଉତ୍ସବକୁ ଅଧିକ ଆକର୍ଷଣୀୟ କରାଯାଇଥିଲା। ରଜ ପର୍ବ ଅବସରରେ କୁନି କୁନି ଝିଅମାନେ ନୂତନ ପୋଷାକ ପରିଧାନ କରି ରଜଦୋଳି ଖେଳିବା ସହ ପିଠା, ମିଠା ଓ ରଜପାନର ଆସ୍ୱାଦନ କରିଥିଲେ। ପରସ୍ପରକୁ ଶୁଭେଚ୍ଛା ଜଣାଇ ଭାଇଚାରା ଓ ସାମାଜିକ ସମ୍ପ୍ରୀତିର ବାର୍ତ୍ତା ମଧ୍ୟ ପ୍ରଦାନ କରିଥିଲେ।ଆୟୋଜକ କାହ୍ନୁ ଚରଣ ପାତ୍ର ସୂଚନା ଦେଇଛନ୍ତି ଯେ ତିନି ଦିନ ଧରି ଏହି ରଜ ମହୋତ୍ସବ ପାଳିତ ହେବ। ଏହି ଅବସରରେ ନାଚ, ଗୀତ ଓ ବିଭିନ୍ନ ସାଂସ୍କୃତିକ ପ୍ରତିଯୋଗିତାର ମଧ୍ୟ ଆୟୋଜନ କରାଯାଇଛି। ହରିଶ୍ଚନ୍ଦ୍ର ପାଣିଗ୍ରାହୀ, ସୁଧାକର ସାହୁ, କାହ୍ନା ସାହୁ, ରାଜୀବ ସାହୁ, ପ୍ରଫୁଲ୍ଲ ସାହୁ ଓ ଅଞ୍ଜନା ମହାରଣାଙ୍କ ସମେତ ଗ୍ରାମର ବହୁ ମହିଳା ସହଯୋଗ କରିଥିଲେ।

**ବୁଗୁଡ଼ା:** ପହିଲି ରଜରେ ବୁଗୁଡ଼ା ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ବୁଗୁଡ଼ାର ଗ୍ରାମାଞ୍ଚଳ ସାଙ୍ଗକୁ ସହରାଞ୍ଚଳ ମଧ୍ୟ ଉତ୍ସବମୁଖର ହୋଇଉଠିଛି। ଅଞ୍ଚଳର ଶିଶୁଠାରୁ ଆରମ୍ଭ କରି କୁଆଁରୀ ଓ ବିବାହିତ ଯୁବତୀମାନେ ନୂତନ ପୋଷାକ ପରିଧାନ କରି ସାଙ୍ଗସାଥୀ ମେଳରେ ଗୀତ ଗାଇ ଦୋଳି ଖେଳର ଆନନ୍ଦ ଉପଭୋଗ କରିବା ସହ ପରସ୍ପରକୁ ବିଭିନ୍ନ ପ୍ରକାର ପିଠାପଣାରେ ଅପ୍ୟାୟିତ କରି ମଜା ନେଉଛନ୍ତି। ରଜ ମଉଜ କାଳରେ ମିଠା ପାନର ଚାହିଦା



ବୃଦ୍ଧି ପାଇଥିବା ବେଳେ ବିଶେଷକରି ଗ୍ରାମାଞ୍ଚଳରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ କ୍ରୀଡା କୌତୁକର ଆସର ମଧ୍ୟ ଦେଖିବାକୁ ମିଳିଛି।

## ବିଦ୍ୟୁତ୍ ସଂସ୍ପର୍ଶରେ ଆସି ମଇଁଷି ମୃତ



**ପାତ୍ରପୁର,୧୪।୬(ସମିସ):** ପାତ୍ରପୁର ବ୍ଲକ ଅନ୍ତର୍ଗତ ବରଙ୍ଗ ଗ୍ରାମ ନିକଟରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରରୁ କରେଣ୍ଟ ସଂସ୍ପର୍ଶରେ ଆସି ଗୋଟିଏ ମଇଁଷିର ମୃତ୍ୟୁ ଘଟିଥିବା ଜଣାପଡିଛି। ମୃତ ମଇଁଷିଟି କେଶରୀପଡା ପଞ୍ଚାୟତ ଅନ୍ତର୍ଗତ ଭେଜିପଦର ଗ୍ରାମର ଦୁବା ନାରସାୟାଙ୍କର ବୋଲି ଜଣାପଡ଼ିଛି। ରବିବାର ସକାଳ ସମୟରେ ଦୁବା ନାରସାୟା ନିଜର ମଇଁଷି ବରଙ୍ଗ ଗ୍ରାମ ନିକଟରେ ଚରାଇବା ଲାଗି ଆସିଥିଲେ। ବରଙ୍ଗ ଗ୍ରାମ ନିକଟରେ ଥିବା ଏକ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଖୁଣ୍ଟିରେ ଲାଗିଥିବା ସୁରକ୍ଷା ତାରରେ ଗୋଟିଏ ମଇଁଷିର ଶିଙ୍ଗ ଲାଗି ଯାଇଥିଲା। ଫଳରେ ଘଟଣାସ୍ଥଳରେ ହିଁ ମଇଁଷିର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକମାନେ ବିଦ୍ୟୁତ ବିଭାଗକୁ ସୂଚନା ଦେବା ସହିତ ବିଦ୍ୟୁତ ବିଭାଗର ଅବହେଳାକୁ ଦାୟୀ କରି କ୍ଷୋଭ ପ୍ରକାଶ କରିଛନ୍ତି। ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ବରଙ୍ଗ ଟ୍ରାନ୍ସଫର୍ମର ନିକଟରେ ଦୀର୍ଘଦିନ ଧରି ଝୁଲି ରହିଥିବା ବିଦ୍ୟୁତ୍ ତାର ଏବଂ ଅସୁରକ୍ଷିତ ବିଦ୍ୟୁତ୍ ବ୍ୟବସ୍ଥା ନେଇ ବାରମ୍ବାର ଅଭିଯୋଗ କରାଯାଇଥିଲେ ମଧ୍ୟ ଟିପିଏସଓଡିଏଲ କୌଣସି ପଦକ୍ଷେପ ନେଇ ନଥିଲା। ଅନ୍ୟପକ୍ଷରେ ବିଭାଗ ପକ୍ଷରୁ ଘଟଣାସ୍ଥଳରେ ପହଞ୍ଚି ସାତଦିନ ଭିତରେ ଆବଶ୍ୟକ ମରାମତି କରିବା ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଥିବା ଜଣାପଡ଼ିଛି।

## ବ୍ୟାଡ୍‌ମିଣ୍ଟନ ସମର୍ କ୍ୟାମ୍ପ ଉଦ୍‌ଯାପିତ

**ପୋଲସରା, ୧୪।୬(ସମିସ):** ପୋଲସରା ସହରସ୍ଥିତ ବିଜୁ ପଟ୍ଟନାୟକ ଇଣ୍ଡୋର ଷ୍ଟାଡିଅମରେ ଚାଲିଥିବା ବ୍ୟାଡ଼ମିଣ୍ଟନର ସମର କ୍ୟାମ୍ପ ସମାପ୍ତ ହେବା ସହ ରବିବାର ଟୁର୍ନାମେଣ୍ଟ କୋଚ ପଦ୍ମଚରଣ ନନ୍ଦଙ୍କ ତତ୍ତ୍ୱାବଧାନରେ ଉଦଯାପିତ ହୋଇଯାଇଛି। ଏହି ଟୁର୍ନାମେଣ୍ଟରେ ୧୮ ବର୍ଷରୁ କମ ବାଳକ ବାଳିକାଙ୍କ ୧୪ଟି ଟିମ କ ଓ ଖ ଦୁଇଟି ଗ୍ରୁପ୍‌ରେ ଅଂଶଗ୍ରହଣ କରିଥିଲେ। କ ଟିମ ରେ ୮ ଟିମ ଖେଳୁଥିବା ବେଳେ ଖ ଟିମରେ ୬ଟି ଟିମ ଖେଳୁଥିଲେ। କ ଟିମରେ ଆଦିତ୍ୟ ହୋତା ଓ ସୌମ୍ୟରାଜ ନାୟକ ମଧ୍ୟରେ ସହ ଖେଳ ହୋଇଥିଲା। ଆଦିତ୍ୟ ୨୧-୧୯, ୨୧-୯ ସେଟରେ ବିଜୟୀ ହୋଇଥିଲେ। ସେହିପରି ଖ ବିଭାଗରେ ଶିବୁନ ବେହେରା ଓ ହିମାଂଶୁ ପ୍ରଧାନ ମଧ୍ୟରେ ଖେଳ ହୋଇଥିଲା। ଶିବୁନ ବେହେରା ୧୫-୧୧, ୧୫-୪ ସେଟ ରେ ବିଜୟୀ ହୋଇଥିଲେ। ଟୁର୍ନାମେଣ୍ଟ ପରେ ଟ୍ରଫି ବଣ୍ଟନ କାର୍ଯ୍ୟକ୍ରମ ରେ ଅତିଥିଭାବେ ଆଇ ଓ ବି ବ୍ୟାଙ୍କ ଶାଖା ପରିଚାଳକ ସ୍ୱରୂପ କିଶୋର ଜେନା, ୟୁନିଅନ ବ୍ୟାଙ୍କର ପ୍ରଣବ କୁଣ୍ଡୁ, ଇଣ୍ଡୋର ଷ୍ଟାଡିୟମର ସଭାପତି ସଂଗ୍ରାମ ଶାସମାଲ, ଉପସଭାପତି ଶିବପ୍ରସାଦ ସାହୁ ପ୍ରମୁଖ ବିଜୟୀ ଖେଳାଳିଙ୍କୁ ଟ୍ରଫି ସହ ମାନପତ୍ର ପ୍ରଦାନ କରିଥିଲେ।



## ଅବସରପ୍ରାପ୍ତ ସୈନିକ ସଂଘ ପକ୍ଷରୁ ଚିକିତ୍ସା ଶିବିର




**ସୋରଡ଼ା, ୧୪।୬(ସମିସ):** ଗଞ୍ଜାମ ଜିଲ୍ଲା ସୋରଡାଠାରେ ଅବସରପ୍ରାପ୍ତ ସୈନିକ ସଂଘ ତରଫରୁ ୫୯ନଂ ଜାତୀୟ ରାଜପଥକଡରେ ଥିବା ସୈନିକ କାର୍ଯ୍ୟାଳୟଠାରେ ବୀର ଓଡ଼ିଆ ମାଟିର ସହିଦସୁପୁତ୍ରଗଣଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ ସହ ଏକ ନିଃସନ୍ତାନ ଦମ୍ପତିଙ୍କ ପାଇଁ ଚିକିତ୍ସା ସେବା କରାଯାଇଥିଲା। ସଙ୍ଘର ସମ୍ପାଦକ ହାବିଲଦାର ଗୁରୁ ପ୍ରସନ୍ନ ପଟ୍ଟନାୟକଙ୍କ ଆୟୋଜନକ୍ରମେ ଡ଼ା ଆଶିଷ କୁମାର ଖାଡଙ୍ଗାଙ୍କ ପୌରୋହିତ୍ୟରେ ଶ୍ରୀୟା ଆଇବିଏଫର ସୁଦକ୍ଷ ଡ଼ା ଅକ୍ଷୟ କୁମାର ମହାକୁଡ଼ ପରାମର୍ଶ କରିଥିଲେ। ଏହି କ୍ୟାମ୍ପରେ ୩୦ରୁ ଉର୍ଦ୍ଧ୍ୱ ଦମ୍ପତି ଆସି ନିଜ ସମସ୍ୟା ସମ୍ପର୍କରେ ପରାମର୍ଶ ନେଇଥିଲେ। ଏହି ଉପାନ୍ତ ଅଞ୍ଚଳରେ ଅବସରପ୍ରାପ୍ତ ସୈନିକ ସଙ୍ଘର ଏହି ଭଳି ନିଆରା ଏବଂ ଐତିହାସିକ ପଦକ୍ଷେପ ପାଇଁ ବୁଦ୍ଧିଜୀବୀ ତଥା ଅଞ୍ଚଳବାସୀ ସାଧୁବାଦ ଜଣାଇଥିଲେ। ଏହି ସଙ୍ଘର ଆହ୍ୱାନକ୍ରମେ ଖାଡଙ୍ଗା ନର୍ସିଂ ହୋମର କର୍ମଚାରୀଙ୍କ ସହଯୋଗ ସହିତ ସଂଘ ସଭାପତି କୃଷ୍ଣଚନ୍ଦ୍ର ସାହୁ, ସଦସ୍ୟ ଶ୍ରୀ ରାମଚନ୍ଦ୍ର ସାହୁ, ବିଦ୍ୟାଧର ବେହେରାଙ୍କ ସମେତ ସହରର ଅନେକ ବୁଦ୍ଧିଜୀବୀ ଜନସାଧାରଣ ଓ ସମାଜସେବୀ ସହଯୋଗ କରିଥିଲେ।

## ଅଖିଳ ଭାରତ କୃଷକ ସଭା ଗଞ୍ଜାମ ଜିଲ୍ଲା କମିଟିର ବୈଠକ



**ଛତ୍ରପୁର,୧୪।୬(ସମିସ):** ଛତ୍ରପୁରସ୍ଥିତ ଲକ୍ଷ୍ମଣ ଭବନଠାରେ ଅଖିଳ ଭାରତ କୃଷକ ସଭା ଗଞ୍ଜାମ ଜିଲ୍ଲା କମିଟି ବୈଠକ ଜିଲ୍ଲା ସଭାପତି ଶ୍ରୀହର୍ଷ ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଜିଲ୍ଲା ସମ୍ପାଦକ ରାଜୀବ ଲୋଚନ ପଣ୍ଡା ସାଙ୍ଗଠନିକ ଓ ବିଭିନ୍ନ ପ୍ରସ୍ତାବ ମାନ ଆଗତ କରିଥିଲେ। ଚଳିତ ବର୍ଷ କମ ବୃଷ୍ଟିପାତ ହେବା ଆକଳନ ହେତୁ ସରକାର ତୁରନ୍ତ ସମସ୍ତ ଜଳସେଚନ ପ୍ରକଳ୍ପଗୁଡିକ ମରାମତି କରି ଜଳ ସଂରକ୍ଷଣ କରି ରଖିବା, ଉଠା ଜଳସେଚନଗୁଡିକ ମରାମତି କରିବା, ଚଳିତ ବର୍ଷ ପାଗକୁ ସୁହାଇଲା ଭଳି ପର୍ଯ୍ୟାପ୍ତ ପରିମାଣର ବିହନ ଯୋଗାଇବା, ଆଜିଠାରୁ ସରକାର ସାର ମହଜୁଦ ରଖିବା ସହ କଳାବଜାରୀ ରୋକିବା ଏବଂ ସମସ୍ତ ଚାଷୀ ଓ ଭାଗ ଚାଷୀଙ୍କ ନାମ ମଣ୍ଡିରେ ପଞ୍ଜୀକରଣରେ ସରଳୀକରଣ ବ୍ୟବସ୍ଥା କରିବା ପ୍ରସଂଗରେ ଆଲୋଚନା ହୋଇଥିଲା। ଆସନ୍ତା ଜୁଲାଇରେ ଦାବି ପୂରଣ ପାଇଁ ସ୍ୱର ଉତ୍ତୋଳନ ସହ ଅଗଷ୍ଟ ପର୍ଯ୍ୟନ୍ତ କୃଷକ ସଭାର ସଭ୍ୟ ସଂଗ୍ରହ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏଥିରେ ଜିଲ୍ଲା ସାଂଗଠନିକ ସମ୍ପାଦକ ନୀଳକଣ୍ଠ ଦାଶ, ଜିଲ୍ଲା ଉପସଭାପତି ରଙ୍କନାଥ ସ୍ୱାଇଁ, କୈଳାଶ ପାତ୍ର, ସହସମ୍ପାଦକ ପଞ୍ଚାନନ ସ୍ୱାଇଁ, ଲକ୍ଷ୍ମୀଚରଣ ପାଣିଗ୍ରାହୀ, ବିଦେଶୀ ନାହାକ, ଭଗବାନ ରାଉତ, ରାଜେନ୍ଦ୍ର ନାହାକ, ଏନ.ମୁନା ପାତ୍ର, ଶରତ ପଟ୍ଟନାୟକ ତୋଫାନ ନାହାକଙ୍କ ସମେତ ବହୁ ଚାଷୀନେତା ବିଭିନ୍ନ ପ୍ରସ୍ତାବ ଦେଇଥିଲେ।

## ଗଞ୍ଜାମ ଜିଲ୍ଲାରୁ ୫୨ ତୀର୍ଥଯାତ୍ରୀଙ୍କ ସୋମନାଥ ସ୍ୱାଭିମାନ ଯାତ୍ରା

**ଛତ୍ରପୁର, ୧୪।୬(ସମିସ):** 'ସୋମନାଥ ସ୍ୱାଭିମାନ ଯାତ୍ରା' ଅଭିଯାନରେ ଗଞ୍ଜାମ ଜିଲ୍ଲାର ୫୨ ଜଣ ତୀର୍ଥଯାତ୍ରୀ ସାମିଲ ହୋଇ ରବିବାର ନୂଆ ବସଷ୍ଟାଣ୍ଡଠାରୁ ଗୁଜୁରାଟର ସୋମନାଥ ମନ୍ଦିର ଅଭିମୁଖେ ଯାତ୍ରାଆରମ୍ଭ କରିଛନ୍ତି। ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଏହାର ଶୁଭାରମ୍ଭ କରିବା ସହିତ ତୀର୍ଥଯାତ୍ରୀମାନଙ୍କୁ ଶୁଭକାମନା ଜଣାଇଥିଲେ। ଅତିରିକ୍ତ ଜିଲ୍ଲାପାଳ ସୁନୀଲ କେର୍କେଟା, ଜିଲ୍ଲା ସଂସ୍କୃତି ଅଧିକାରିଣୀ ଅଦିତି ଆଚାର୍ଯ୍ୟ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ। 'ସୋମନାଥ ସ୍ୱାଭିମାନ ଯାତ୍ରା' ମାଧ୍ୟମରେ ତୀର୍ଥଯାତ୍ରୀମାନେ ଦେଶର ସାଂସ୍କୃତିକ ଐତିହ୍ୟ, ଆଧ୍ୟାତ୍ମିକ ପରମ୍ପରା ଏବଂ ଐତିହାସିକ ଗୁରୁତ୍ୱ ବହନ କରୁଥିବା ସୋମନାଥ ଧାମ ଦର୍ଶନର ସୁଯୋଗ ପାଇବେ। ତୀର୍ଥଯାତ୍ରୀମାନଙ୍କର ସୁବିଧାରେ ଯାତ୍ରା ଓ ଦର୍ଶନ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଛି। ଏଥିପାଇଁ ତୀର୍ଥ ଯାତ୍ରୀମାନେ ଜିଲ୍ଲା ପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି।




### ମା'ଙ୍କ ପାଇଁ ଗଛଟିଏ' ଅଭିଯାନରେ ଅନିୟମିତତା

## ଗଛ ନ ଲଗାଇ ୪୭ ହଜାରରୁ ଅଧିକ ଟଙ୍କା ଖର୍ଚ୍ଚ ଅଭିଯୋଗ

**କୁକୁଡ଼ାଖଣ୍ଡି, ୧୪।୬ (ସମିସ)**

କୁକୁଡାଖଣ୍ଡି ବ୍ଲକ ଅନ୍ତର୍ଗତ ମୋହୁଡା ପଞ୍ଚାୟତର ବିକାଶପୁର ସରକାରୀ ବିଦ୍ୟାଳୟ ପରିସରରେ ମା'ଙ୍କ ପାଇଁ ଗଛଟିଏ' ଅଭିଯାନରେ କାର୍ଯ୍ୟାନ୍ୱୟନକୁ ନେଇ ଅନିୟମିତତା ଓ ଦୁର୍ନୀତି ଅଭିଯୋଗ ସାମ୍ନାକୁ ଆସିଛି। ଗଛ ରୋପଣ ନ କରି ଯୋଜନାର ଅର୍ଥ ବ୍ୟୟ ଦର୍ଶାଇଥିବା ନେଇ ସ୍ଥାନୀୟ ଅଞ୍ଚଳବାସୀ ପ୍ରଶ୍ନ ଉଠାଇଛନ୍ତି। ସୂଚନା ଅନୁଯାୟୀ, ୨୦୨୫-୨୬ ଆର୍ଥିକ ବର୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଅଧୀନରେ ବିକାଶପୁର ବିଦ୍ୟାଳୟ ଖେଳ ପଡ଼ିଆରେ "ମା'ଙ୍କ ପାଇଁ ଗଛଟିଏ"ଅଭିଯାନରେ ଖର୍ଚ୍ଚ ଅଟକଳ ନିମନ୍ତେ ୪୭,୯୩୫ ଟଙ୍କା ମଞ୍ଜୁର ହୋଇଥିଲା। ଉକ୍ତ ଅର୍ଥରେ ଗଛ ରୋପଣ, ସୁରକ୍ଷା ବ୍ୟବସ୍ଥା ଏବଂ ରକ୍ଷଣାବେକ୍ଷଣ କାମ କରାଯିବା କଥା ଥିଲା; ମାତ୍ର ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁସାରେ, ବିଦ୍ୟାଳୟ ପରିସରରେ ଆଜି ପର୍ଯ୍ୟନ୍ତ କୌଣସି ଗଛ ରୋପଣ ହୋଇଥିବା ଦେଖିବାକୁ ମିଳୁନାହିଁ। ଯଦି କାମ ହୋଇନାହିଁ, ତେବେ ମଞ୍ଜୁର ଅର୍ଥ କେଉଁଠି ଓ କିପରି ବ୍ୟୟ କରାଗଲା, ତାହାକୁ ନେଇ ସନ୍ଦେହ ସୃଷ୍ଟି ହୋଇଛି। ଫଳରେ ଯୋଜନାର ସ୍ୱଚ୍ଛତା ଓ କାର୍ଯ୍ୟାନ୍ୱୟନକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚଙ୍କ ସହ ଯୋଗାଯୋଗ ସମ୍ଭବ ହୋଇପାରିନଥିଲା। ପରେ କୁକୁଡାଖଣ୍ଡି ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ଅନୁରାଗ ରଥଙ୍କ ସହ ଯୋଗାଯୋଗ କରାଯିବାରୁ ସେ କହିଛନ୍ତି ଯେ ଘଟଣାର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ। କୁକୁଡାଖଣ୍ଡି ବ୍ଲକରେ ଏହି ଅଭିଯାନରେ ଆସିଥିବା ଟଙ୍କା କିଛି ପଞ୍ଚାୟତରେ ବାଟମାରଣା ହୋଇଥିବା ନେଇ ଲାଞ୍ଜିଆ ସମିତି ସଭ୍ୟ କାହ୍ନୁ ପାତ୍ର ତଳଦିନ ପଞ୍ଚାୟତ ସଭାରେ ପ୍ରଶ୍ନ ଉଠାଇଥିଲେ। ମଞ୍ଜୁର ହୋଇଥିବା ଟଙ୍କା କିଛି ପଞ୍ଚାୟତରେ ଗଛ ନଲଗାଇ ବାଟମାରଣା ହୋଇଥିବା ନେଇ ଅଭିଯୋଗ ହୋଇଛି। ଏହାର ତୁରନ୍ତ ତଦନ୍ତ ନିମନ୍ତେ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।



## ବ୍ରହ୍ମାକୁମାରୀ ବିଶ୍ୱବିଦ୍ୟାଳୟର ଆମ୍ବପୁଆ ଶାଖା ଉଦ୍‌ଘାଟିତ

**ଆସିକା, ୧୪।୬(ସମିସ):** ବାଙ୍ଗରଡ଼ା ପଞ୍ଚାୟତସ୍ଥିତ ଆମ୍ବପୁଆ ଗ୍ରାମରେ ପ୍ରଜାପିତା ବ୍ରହ୍ମାକୁମାରୀ ଇଶ୍ୱରୀୟ ବିଶ୍ୱବିଦ୍ୟାଳୟର ନବନିର୍ମିତ ଗୃହ ସୁଖଶାନ୍ତି ଭବନରେ ଉଦଘାଟିତ ହୋଇଯାଇଛି। ଏହି ପାଠଶାଳାକୁ ସେବାର୍ପିତ କରିବା ଅବସରରେ ବ୍ରହ୍ମପୁର ସବ ଜୋନ୍ ପ୍ରଭାରୀ ରାଜ ଯୋଗିନୀ ମାଳା ଦିଦି ପ୍ରକାଶ କରିଥିଲେ ଯେ ୧୯୮୭ରେ ଆମ୍ବପୁଆ ଗ୍ରାମର ଦିବଙ୍ଗତ ବ୍ରହ୍ମାକୁମାର ନରହରି ପାତ୍ରଙ୍କ ଅନୁରୋଧକ୍ରମେ ବ୍ରହ୍ମପୁର ସବଜୋନ୍ ତତ୍କାଳୀନ ମୁଖ୍ୟ ପ୍ରଭାରୀ ରାଜ ଯୋଗିନୀ ମଞ୍ଜୁଦିଦିଙ୍କ ଦ୍ୱାରା ଆମ୍ବପୁଆ ଗ୍ରାମରେ ପରମାତ୍ମା ଶିବ ପିତାଙ୍କ ସନ୍ଦେଶ ପ୍ରଦାନ କରିବା ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ଏହି ପାଠଶାଳା ଅଞ୍ଚଳର ସହସ୍ରାଧିକ ପରିବାରରେ ସହଜ ରାଜଯୋଗ ଶିକ୍ଷା ଦ୍ୱାରା ସୁଖ ଶାନ୍ତି ଆଣି ଦେଇଛି। କାର୍ଯ୍ୟକ୍ରମ ପରିଚାଳନା ରାଜ ଯୋଗିନୀ ବ୍ରହ୍ମାକୁମାରୀ ପ୍ରଭାତୀ ଭଉଣୀ କରିଥିବା ବେଳେ କାର୍ଯ୍ୟକ୍ରମରେ ରାଜଯୋଗିନୀ ଅର୍ଚ୍ଚନା, ସନ୍ତୋଷିନୀ, ଭାଗ୍ୟଲତା, ସୁଜ୍ଞାନୀ,ଜ୍ୟୋତି, କସ୍ତୁରୀ, ନିଶି, ନର୍ମଦା, ନୀଳିମା ଆଦି ସହଯୋଗ କରିଥିଲେ। ବାଙ୍ଗରଡା ସରପଞ୍ଚ ପ୍ରତିନିଧି, ପୂର୍ବତନ ସରପଞ୍ଚ ପ୍ରତିନିଧି କାମରାଜୁ ଭୋଳଙ୍କ ସହିତ ବ୍ରହ୍ମପୁର ସବ ଜୋନ୍ ସହସ୍ରାଧିକ ଭଉଣୀଭାଇ ଯୋଗ ଦେଇଥିଲେ।



